RNI No.ODIODI/2010/33031
୧୭ ବର୍ଷ Volume-17
ISSUE -171 ସଂଖ୍ୟା-୧୭୧
ଭୁବନେଶ୍ୱର, ସୋମବାର ୨୧ ସେପ୍ଟେମ୍ବର ୨୦୨୬
Bhubaneswar, Monday 21 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ବାରବାଟୀରେ ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬ ଆରମ୍ଭ

# ରାଜ୍ୟର ଗ୍ରାମୀଣ କ୍ରିକେଟ ପ୍ରତିଭାଙ୍କୁ ମିଳିବ ବିଶ୍ୱସ୍ତରୀୟ ମଞ୍ଚ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୯(ନି.ପ୍ର.): ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି ।କଟକର ଐତିହାସିକ ବାରବାଟୀ ଷ୍ଟାଡିଅମଠାରେ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬'ର ଶୁଭାରମ୍ଭ ହୋଇଯାଇଛି ।

ମୁଖ୍ୟମନ୍ତ୍ରୀ ଟ୍ରଫିରେ ଫୁଟବଲ, ଖୋ-ଖୋ, କବାଡ଼ି ଓ ଭଲିବଲ ପରେ ଏବେ କ୍ରିକେଟ୍ ପଞ୍ଚମ କ୍ରୀଡ଼ା ଭାବେ ସାମିଲ ହୋଇଛି, ଯାହା ଆମ ୩୦ଟି ଜିଲ୍ଲାରେ ଥିବା ଗ୍ରାମୀଣ କ୍ରିକେଟ୍ ପ୍ରତିଭାଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ନିଜ ଦକ୍ଷତା ପ୍ରଦର୍ଶନର ଏକ ନୂଆ ଓ ବଡ଼ ମଞ୍ଚ ପ୍ରଦାନ କରିବ,' ବୋଲି ଆଜି କଟକର ଐତିହାସିକ ବାରବାଟୀ ଷ୍ଟାଡିଅମଠାରେ 'ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ୨୦୨୬'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଖେଳ ଏବେ କେବଳ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟରେ ସୀମିତ ନରହି ଏକ ସଫଳ କ୍ୟାରିୟରର ମାଧ୍ୟମ ପାଲଟିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଗୋଟିଏ ଦଶନ୍ଧି ମଧ୍ୟରେ ଭାରତର କ୍ରୀଡ଼ା ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଯାଇଛି । ଆଜିର ଟି-୨୦ ଏବଂ ଲିଗ୍ କ୍ରିକେଟ୍ ଯୁଗରେ ଯୁବ ଖେଳାଳିଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇଛି। ଏହି ଲିଗ୍‌ରେ ପ୍ରସିଦ୍ଧ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ଓଡ଼ିଶାର 'ସ୍ୱିଙ୍ଗ ମାଷ୍ଟର' ଦେବାଶିଷ ମହାନ୍ତି ଆମ୍ବାସାଡର ଭାବେ ଯୋଡ଼ି ହୋଇଥିବାରୁ ଏହା ଯୁବ ଖେଳାଳିଙ୍କୁ ପ୍ରେରଣା ଦେବ। ରାଜ୍ୟରେ ପ୍ରତିଭା ଓ ଭିତ୍ତିଭୂମିର ଅଭାବ ନାହିଁ, ତେଣୁ ଚୟନକର୍ତ୍ତାମାନେ ସଠିକ୍ ପ୍ରତିଭାକୁ ଚିହ୍ନଟ କରି ଆଗାମୀ ଦିନରେ ଓଡ଼ିଶାରୁ ଆହୁରି ଅନେକ ଜାତୀୟ ଓ ଆଇପିଏଲ୍ ଖେଳାଳି ସୃଷ୍ଟି କରିବେ ବୋଲି ସେ ବିଶ୍ୱାସ ପ୍ରକାଶ କରିଛନ୍ତି।



ସେ ଆହୁରି କହିଛନ୍ତି ଯେ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ସମସ୍ତ ୩୧୪ଟି ବ୍ଲକରେ ୪,୧୨୪ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ କରୁଛନ୍ତି। ଏହା ସହିତ ଭୁବନେଶ୍ୱରର ଗୋଠପାଟଣାଠାରେ ଏକ ହାଇ-ଟେକ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ। ବାରବାଟୀ ଷ୍ଟାଡିୟମର ସମ୍ପୂର୍ଣ୍ଣ ନବୀକରଣ କରାଯାଇ ଏହାକୁ ଦେଶର ଶ୍ରେଷ୍ଠ କ୍ରୀଡ଼ା ଭେନ୍ୟୁରେ ପରିଣତ କରିବା ପାଇଁ ସରକାର ସଙ୍କଳ୍ପବଦ୍ଧ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ର ଙ୍କଭୟରଙ୍କ -୧୪ କ୍ରିକେଟ୍ ଏକାଡେମୀ ପ୍ରତିଷ୍ଠା ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ଲିଗ୍‌ରେ ଭାଗ ନେଇଥିବା ସମସ୍ତ ୬ଟି ଦଳ, ଅଧିନାୟକ, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏହି ଅବସରରେ ପୂର୍ବତନ ଭାରତୀୟ ଅନ୍ତର୍ଜାତୀୟ କ୍ରିକେଟର ଶ୍ରୀ ସୁରେଶ ରାଇନା କହିଛନ୍ତି ଯେ, ସେ ଶେଷ ଥର ପାଇଁ କଟକର ବାରବାଟୀ ଷ୍ଟାଡିୟମରେ ଶ୍ରୀଲଙ୍କା ବିପକ୍ଷରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବା ଅବସରରେ ଓଡ଼ିଶା ଆସିଥିଲେ। ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ପ୍ରକୃତରେ ପ୍ରଶଂସନୀୟ। ଏହା ନିଶ୍ଚିତ ଭାବରେ ଖେଳାଳିମାନଙ୍କୁ କ୍ରିକେଟ ଖେଳ ପ୍ରତି ସେମାନଙ୍କର ଭଲପାଇବା ପ୍ରକାଶ କରିବା ଏବଂ କ୍ରୀଡ଼ାକୁ ଆପଣାଇବା ପାଇଁ ଉତ୍ସାହିତ କରିବ। ଏହି ଉଦ୍‌ଘାଟନୀ ସମାରୋହରେ ଶାସକ ଦଳ ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ , ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍‌ଦୋସ୍, କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଅନୁଗୁଳ ବିଧାୟକ ତଥା ଓସିଏ ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ଓଡ଼ିଶା ଫୁଟବଲ ଆସୋସିଏସନର ସମ୍ପାଦକ ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏସନର ଅଧ୍ୟକ୍ଷ ଡକ୍ଟର ଆଶୀର୍ବାଦ ବେହେରା, ପୂର୍ବତନ କ୍ରିକେଟର ଦେବାଶିଷ ମହାନ୍ତି, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ସଭାପତି ଶ୍ରୀ ପଙ୍କଜ ଲୋଚନ ମହାନ୍ତି, ଉପ-ସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଙ୍ଗଉଇର ଅନ୍ୟାନ୍ୟ ସଦସ୍ୟ, ପ୍ରଶିକ୍ଷକ, ଖେଳାଳି ଓ ବିଶିଷ୍ଟ ଅତିଥିବୃନ୍ଦ ଉପସ୍ଥିତ ଥିଲେ।

# ଏ ସପ୍ତାହରେ ତ୍ରୁଟିଶୂନ୍ୟ ବହି

ଭୁବନେଶ୍ୱର,୨୦।୯(ନି.ପ୍ର.): ପାଠ୍ୟପୁସ୍ତକ ତ୍ରୁଟି ଅପବାଦରୁ ମୁକୁଳିବାକୁ ଚଳିତ ଶିକ୍ଷାବର୍ଷରେ ହିଁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗଣଶିକ୍ଷା ବିଭାଗର ଅଧିକାରୀମାନେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକରେ ସଂଶୋଧନ କରିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଥିବା ୫୫ଟି ପାଠ୍ୟପୁସ୍ତକରେ ଆବଶ୍ୟକ ତ୍ରୁଟି ସଂଶୋଧନ ପରେ ତାହାକୁ ୨୭ରୁ ଅଧିକ ଭାଷା ବିଶେଷଜ୍ଞଙ୍କ ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ପୁସ୍ତକର ପ୍ରତିଟି ପୃଷ୍ଠାରେ ଥିବା ବାକ୍ୟ, ଶବ୍ଦକୁ ଏକାଧିକ ଥର ପାଯାଇଛି। ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଆଧାରରେ ଓଡିଆ ପୁସ୍ତକଗୁଡିକ ସଂଶୋଧନ ହୋଇଛି। ଏଥିସହ ରାଜ୍ୟ ସରକାରଙ୍କ ଏକାଧିକ ସଂସ୍ଥାଙ୍କ ସହାୟତାରେ ଓଡିଆ, ଇଂରାଜୀ, ଗଣିତ, ବିଜ୍ଞାନ ବହି ପାଇଁ ଅଲଗା ଅଲଗା ବିଶେଷଜ୍ଞ ନିୟୋଜିତ ହୋଇ ଯାଞ୍ଚ କରିଛନ୍ତି। ଏବେ ସୁଦ୍ଧା ଡିଟିପି ଶେଷ ହୋଇ ବହିଗୁଡିକ ପ୍ରକାଶନ ପାଇଁ ପ୍ରସ୍ତୁତ ହୋଇ ରହିଛି। ସମ୍ଭବତଃ ଦୁଇରୁ ତିନି ଦିନ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୮ଟି ଶ୍ରେଣୀରେ ସଂଶୋଧିତ ସାହିତ୍ୟ ବହି ଛପାଯାଇ ବଣ୍ଟନ କରାଯିବ ବୋଲି ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି)ର ଜଣେ ଅଧିକାରୀ କହିଛନ୍ତି।

ନୂତନ ପୁସ୍ତକରେ ଯେପରି କେଣସି ପ୍ରକାର ତ୍ରୁଟି ନ ରୁହେ ସେଥିପାଇଁ ଖୋଦ ଗଣଶିକ୍ଷା ସଚିବ ଏନ୍ ତିରୁମାଲା ନାୟକ ତଦାରଖ କରିଛନ୍ତି। ଯାଞ୍ଚ ସମୟରେ ବିଶେଷଜ୍ଞମାନେ ବହିରେ କେଉଁଠି ଅଧାଗା ବାକ୍ୟ ତ ଆଉ କେଉଁଠି ଗୋଟିଏ ବାକ୍ୟ ସହ ପରବର୍ତ୍ତୀ ବାକ୍ୟ ମେଳ ଖାଉ ନ ଥିବା ଦେଖିବାକୁ ପାଇଥିଲେ। ତେଣୁ ପ୍ରାରମ୍ଭିକ ଭାବେ ବଡ ବଡ ତ୍ରୁଟିଗୁଡିକ ସଂଶୋଧିତ ହୋଇଛି। କର୍ଣ୍ଣାଟକ ବିଧାନସଭା ଚିତ୍ରକୁ ହଟାଇ ସେହି ସ୍ଥାନରେ ଓଡିଶା ବିଧାନସଭା ଚିତ୍ର ଦିଆଯାଇଛି। ବରପୁତ୍ରଙ୍କ ନାମ ଓ ସେମାନଙ୍କ ବିଷୟରେ ଥିବା ତ୍ରୁଟିକୁ ମଧ୍ୟ ସଂଶୋଧନ କରାଯାଇ ନୂତନ ବହି ପ୍ରସ୍ତୁତ ହେଉଛି। ଗଣିତ ବହିରେ ଥିବା ବ୍ୟାପକ ତ୍ରୁଟି ମଧ୍ୟ ସଂଶୋଧନ ହୋଇଛି। ଇତିମଧ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସାହିତ୍ୟ ବହି ସଂଶୋଧନ ଶେଷ ହୋଇଛି। ଓଡିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ନିୟୋଜିତ ଭାଷା ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ ପରେ ତାହାକୁ ଏସ୍‌ସିଇଆରଟି କମିଟି ମଧ୍ୟ ଯାଞ୍ଚ କରିଛି। ବାକି ପୁସ୍ତକଗୁଡିକ ଏବେ ଡିଟିପି ସ୍ତରରେ ରହିଛି। ତାହା ଶେଷ ହେବା ପରେ ବିଶେଷଜ୍ଞ କମିଟି ପୁଣିଥରେ ଯାଞ୍ଚ କରି ଏସ୍‌ସିଇଆରଟିକୁ ପ୍ରଦାନ କରିବେ।

# ବଙ୍ଗୋପସାଗରରେ ବାତ୍ୟା ସମ୍ଭାବନା

ଭୁବନେଶ୍ୱର,୨୦।୯(ନି.ପ୍ର): ପାଣିପାଗ ବିଭାଗ ଆକଳନ ଅନୁସାରେ ବର୍ତ୍ତମାନ ଲଘୁଚାପ କ୍ଷେତ୍ରଟି ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ଆଣ୍ଡାମାନ ସାଗର ଉପରେ ରହିଛି ।ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହ ଘନୀଭୂତ ହୋଇ ୨୧ରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅବପାତ ଏବଂ ୨୨ ତାରିଖ ବେଳକୁ ଆହୁରି ଅଧିକ ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ।

ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖି ୨୩ ତାରିଖ ସକାଳ ବେଳକୁ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟ ପଶ୍ଚିମ-କେନ୍ଦ୍ରୀୟ ତଥା ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପହଂଚିବ। ଏହା ସମ୍ପୂର୍ଣ୍ଣ ବାତ୍ୟାର ରୂପ ନେବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ, କିନ୍ତୁ ଏହାର ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସତର୍କ ସୂଚନା ଜାରି କରାଯାଇଛି।

୨୨ରୁ ୨୬ ସେପ୍ଟେମ୍ବର ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା ।୨୨ ତାରିଖରେ ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଚେତାବନୀ ଜାରି ହୋଇଛି ।ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା ଓ ନୟାଗଡ଼ରେ ପ୍ରବଳ ବର୍ଷା ପାଇଁ ହଳଦିଆ ଚେତାବନୀ ରହିଛି।

ସେହିପରି ୨୩ ତାରିଖରୁ ବଢିବ ବର୍ଷା ।କନ୍ଧମାଳ, ଗଜପତି, ଗଞ୍ଜାମ ଓ ପୁରୀର କେତେକ ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ରେଡ୍ ଚେତାବନୀ ଜାରି ହୋଇଥିବା ବେଳେ ଜଗତସିଂହପୁର, କଟକ, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଖୋର୍ଦ୍ଧାରେ ଅରେଞ୍ଜ ଚେତାବନୀ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ନୂଆପଡ଼ା ଓ ବଲାଙ୍ଗିରରେ ହଳଦିଆ ଚେତାବନୀ ରହିଛି।

୨୪ ସେପ୍ଟେମ୍ବରରେ କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ାର କେତେକ ସ୍ଥାନରେ ଅତି ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ରେଡ୍ ଚେତାବନୀ ଜାରି ହୋଇଛି।

ବାଲେଶ୍ୱର, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ପୁରୀରେ ଅରେଞ୍ଜ ଚେତାବନୀ ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ, ଖୋର୍ଦ୍ଧା ଓ ନୟାଗଡ଼ରେ ହଳଦିଆ ଚେତାବନୀ ରହିଛି।୨୫ ସେପ୍ଟେମ୍ବରରେ ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଚେତାବନୀ ଜାରି ହୋଇଛି ।ବାଲେଶ୍ୱର, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ାରେ ପ୍ରବଳ ବର୍ଷା ପାଇଁ ହଳଦିଆ ଚେତାବନୀ ରହିଛି ।ଏହା ସହ ୨୨ ରୁ ୨୪ ତାରିଖ ପଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରୁ ନ ଯିବାକୁ ପରାମର୍ଶ ଦେଇଛନ୍ତି ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ।

# ଚୌଦ୍ୱାର ଜେଲ୍ ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟ ଗିରଫ

କଟକ, ୨୦।୯(ନି.ପ୍ର.):: ଚୌଦ୍ୱାର ଜେଲ୍ କଏଦୀ ଫେରାର ଏବଂ କାଗଜପତ୍ର ଜାଲିଆତି ମାମଲାରେ ଶେଷରେ ଗିରଫ ହୋଇଛନ୍ତି ପୂର୍ବତନ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ କୁମାର ରାଉଳ। ହାଇକୋର୍ଟରୁ ଜାମିନ ଖାରଜ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଛି।

୨୦୨୫ ଅକ୍ଟୋବର ୨ ତାରିଖରେ ଚୌଦ୍ୱାର ଜେଲରୁ ବିହାରର ଦୁଇଜଣ ବିଚାରାଧୀନ କଏଦୀ ଫେରାର ହୋଇଯାଇଥିଲେ। ଏହି ଘଟଣା ପରେ ଜେଲର ସୁରକ୍ଷା ଓ ପ୍ରଶାସନିକ ବ୍ୟବସ୍ଥାକୁ ନେଇ ମଧ୍ୟ ବିଭିନ୍ନ ପ୍ରଶ୍ନ ଉଠିଥିଲା । ଘଟଣା ପରେ ସୁଜିତ ରାଉଳଙ୍କୁ ପଦରୁ ନିଲମ୍ବିତ କରାଯାଇଥିଲା। ଜେଲରୁ କଏଦୀ ଫେରାର ହେବା ଦିନ ସୁପରିଣ୍ଟେଣ୍ଡେଣ୍ଟ ସୁଜିତ ରାଉଳ ନିଜେ ଗେଟରେ ଉପସ୍ଥିତ ନଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନରୁ ବଞ୍ଚିବା ପାଇଁ ସେ ଜେଲ୍ ଗେଟ ରେଜିଷ୍ଟରରେ ସେଦିନ ନିଜକୁ ଉପସ୍ଥିତ ଦେଖାଇବାକୁ ଚେଷ୍ଟା କରିଥିଲେ। ଏହା ସହିତ ନିଜ ଦୋଷ ଲୁଚାଇବାକୁ ଯାଇ ତତ୍କାଳୀନ ଜେଲର ସନ୍ତୋଷିନୀ ଦାଶଙ୍କ ଜାଲ୍ ଦସ୍ତଖତ କରି ଏକ ନକଲି ରିପୋର୍ଟ ପ୍ରସ୍ତୁତ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ତତ୍କାଳୀନ ଜେଲର ସନ୍ତୋଷିନୀ ଦାଶ ଚୌଦ୍ୱାର ଥାନାରେ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିରୋଧରେ ଏତଲା ଦାୟର କରିଥିଲେ। ଗିରଫଦାରୀରୁ ବର୍ତ୍ତିବା ପାଇଁ ସୁଜିତ ରାଉଳ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ ଆବେଦନ କରିଥିଲେ। କୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ସେ ମୂଳ ଜେଲ୍ ମିନିଟ୍ ବୁକ୍ ଏବଂ ଅସଲି କାଗଜପତ୍ର ପୋଲିସକୁ ହସ୍ତାନ୍ତର କରିନଥିଲେ। ଏହି କାରଣରୁ ହାଇକୋର୍ଟ ତାଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେବା ସହ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ହଟାଇ ଦେଇଥିଲେ।

## ଡାହୁକ

ଯେତେ ଲୁଟିଲେବି ସରୁନି ଖଞ୍ଜା
ଗୋଟେ ପରେ ଗୋଟେ ଲୁଟିବା ପ୍ଲାନ
ଗେଞ୍ଜି ଚାଲିଛନ୍ତି ପଛକୁ ପଛ
ଆଚ୍ଛା ଦିନ ସ୍ୱପ୍ନ ଏଇଆ
ଯେତେ ପୋଡା ଜଳା ହେଲେବି ବାଧୁନି
ଏମିତିକା ଆମେ ଦେହିଆ




- ବିଧୁ

# ମହାନଦୀ ଜଳ ବିବାଦର ସମାଧାନ ଖୁବ୍‌ଶୀଘ୍ର

ଭୁବନେଶ୍ୱର,୨୦।୯(ନି.ପ୍ର): ମହାନଦୀ ଜଳ ବିବାଦର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ଆଶା ପ୍ରକାଶ କରିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଭୁବନେଶ୍ୱର ଗସ୍ତରେ ଆସି ପହଂଚିବା ପରେ ସେ ବିମାନ ବନ୍ଦରରେ ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ମହାନଦୀ ଜଳ ବିବାଦକୁ ନେଇ ଏହି ସୂଚନା ଦେଇଛନ୍ତି ।ବିଷ୍ଣୁଦେବ ସାଏ କହିଛନ୍ତି ଯେ, ମହାନଦୀ ପ୍ରସଙ୍ଗରେ ଦିଲ୍ଲୀରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇସାରିଛି। ଏହାର ସମାଧାନ ପାଇଁ ଉଭୟ ରାଜ୍ୟ କେନ୍ଦ୍ରୀୟ ଜଳ ଆୟୋଗ ର ନିଷ୍ପତ୍ତିକୁ ସହମତି ଜଣାଇସାରିଛନ୍ତି। କେନ୍ଦ୍ରୀୟ ଜଳ ଆୟୋଗ ଯେଉଁ ନିଷ୍ପତ୍ତି ନେବ, ଉଭୟ ରାଜ୍ୟ ତାହାକୁ ଗ୍ରହଣ କରିବେ ବୋଲି ସେ କହିଛନ୍ତି ।ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ମହାନଦୀକୁ ନେଇ ଏବେ କୌଣସି ପ୍ରକାରର ଜଳ ବିବାଦ ନାହିଁ। ଯେଉଁ ରାଜ୍ୟଗୁଡ଼ିକରେ ବିଜେପି ସରକାର ରହିଛି, ସେଠାରେ ଜଳ ବିବାଦର ସମାଧାନ ହୋଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଓଡ଼ିଶା ଓ ଛତିଶଗଡ଼ରେ ବିଜେପି ସରକାର ସହିତ କେନ୍ଦ୍ରରେ ଏନ୍‌ଡିଏ ସରକାର ଥିବାରୁ ମହାନଦୀ ପ୍ରସଙ୍ଗର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶା ଗସ୍ତ ସମୟରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ ଏବଂ ରାଜ୍ୟବାସୀଙ୍କ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡ଼ିବେ ବୋଲି ମଧ୍ୟ ବିଷ୍ଣୁଦେବ ସାଏ କହିଛନ୍ତି।

ଛତିଶଗଡ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଲିଙ୍ଗରାଜ ମନ୍ଦିରରେ ଦର୍ଶନ-ପୂଜନ କରିବେ। ଏହାପରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ କରିବେ।



ସନ୍ଧ୍ୟାରେ ତାଙ୍କର ଶ୍ରୀମଦ୍‌ଭାଗବତ କଥା ସ୍ଥଳକୁ ଯିବାର କାର୍ଯ୍ୟକ୍ରମ ରହିଛି। ସେ ପୁରୀର ଏକ ଘରୋଇ ହୋଟେଲରେ ରାତ୍ରିଯାପନ କରିବେ। ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କର ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବୈଠକ କରିଛନ୍ତି।। ବୈଠକରେ ମହାନଦୀ ଜଳ ବିବାଦର ସମାଧାନ ସମେତ ଉଭୟ ରାଜ୍ୟ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି।

# ଏମଏମଡିଆରକୁ ନେଇ ପୁଣି ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୨୦।୯(ନି.ପ୍ର.):: ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ସମ୍ପର୍କରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରବିବାର ପୁଣି ଥରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଚିଠି ଲେଖିଛନ୍ତି । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଯେ ବିଜୁ ଜନତା ଦଳ ସବୁବେଳେ ଓଡିଶାର ଅଧିକାର ଓ ଆମର ଯୁବ ସମାଜର ଭବିଷ୍ୟତ ସହିତ ରହି ଆସିଛି ଏବଂ ଏହାର ଦୃଢ ସମର୍ଥନ କରୁଛି । ତେଣୁ ନିକଟରେ ସଂସଦରେ ଗୃହିତ ହୋଇଥିବା ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ବିଧାନ ସଭାରେ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବା ପାଇଁ ସବୁ ରାଜନୈତିକ ଦଳ ଏକାଠି କାମ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସୁପ୍ରିମ କୋର୍ଟଙ୍କ ରାୟ ଓଡିଶା ପାଇଁ ବିରାଟ ସମ୍ଭାବନା ସୃଷ୍ଟି କରିଥିଲା । କୋଟି କୋଟି ଟଙ୍କାର ବକେୟା ରାଜସ୍ୱ ଆଦାୟ ସହିତ ବାର୍ଷିକ ୧୨ ହଜାର କୋଟି ଟଙ୍କା ରାଜସ୍ୱ ଭାବେ ପାଇବାର ସୁଯୋଗ ସୃଷ୍ଟି ହୋଇଥିଲା । ଏହା ଦ୍ୱାରା ଆମର ଯୁବ ସମାଜର ଭବିଷ୍ୟତ ସୁରକ୍ଷିତ ହେବା ସହିତ ଓଡିଶାର ବିକାଶ ପାଇଁ ପ୍ରଚୁର ଅର୍ଥ ମିଳିଥାନ୍ତା । କିନ୍ତୁ ସଂସଦରେ ଖଣି ଓ ଖଣିଜ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ (ସଂଶୋଧନ) ଗୃହିତ ହୋଇଗଲା । ଏହା ଦ୍ୱାରା ଓଡିଶା ବିପୁଳ ଆର୍ଥିକ କ୍ଷତି ସହିବାକୁ ଯାଉଛି ଏବଂ ଏହାର ସାମ୍ବିଧାନିକ ଅଧିକାର ମଧ୍ୟ ଚାଲିଯାଇଛି । ବିଧାନ ସଭାରେ ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍ ପ୍ରତ୍ୟାହାର କରିବା ପାଇଁ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହିତ କରିବାକୁ ନବୀନ ଦାବି କରିଛନ୍ତି।


## ଶ୍ରଦ୍ଧେୟ ଭାଇ
## ବିପିନି ସ୍ମୃତିରେ



ଜନମ ଯାହାର ମରଣ ତାହାର
ଏ ତ ଚିରନ୍ତନ ସତ୍ୟ
ସବୁ ଜାଣିଶୁଣି କାହିଁକି କେଜାଣି
ଭୁଲିପାରୁନି ଅତୀତ॥

ନୂଆହୋଇ ଯେବେ ଆସିଥିଲି ମୁହିଁ
ନହରକଣ୍ଟା ଗାଆଁକୁ
ଅଚିହ୍ନା ଅଜଣା ସ୍ଥାନ ଆଶଙ୍କାରେ
ଭୟ ଛୁଉଁ ଥାଏ ମନକୁ॥

ମନରେ ମୋହର ସାହସ ଭରସା
ବଳ ଦେଇଥିଲୁ ଭରି
ଛିନ୍ନ କରି ସ୍ନେହ ସମ୍ପର୍କର ଡୋରି
ଚାଲିଗଲୁ ପରକରି ॥

ତୋର ତ୍ୟାଗ ଅବଦାନ ମୋ ଜୀବନେ
କେବେ ଭୁଲି ହେବନାହିଁ
ତୁହି ଥିଲୁ ଆମ ରକ୍ଷାର କବଚ
ଈଶ୍ୱର ସହିଲା ନାହିଁ ॥
ଅନ୍ତର ତୋହର ଫୁଲଠୁ ନରମ
କଥା ପାଷାଣଠୁଁ ଟାଣ
ଅନୁଭବୀ ବିନା ଚିହ୍ନି ପାରିବେନି
ତୋର ଲୁକ୍କାୟିତ ଗୁଣ ॥

ଘରସଂସାର ଓ ପରିବାର ଛାଡି
ଚାଲିଗଲୁ ଆରପାରି
କାହା କଥା ଟିକେ ଭାବିଲୁନାହିଁ ତୁ
ସବୁ ଦେଲୁ ପର କରି ॥

ନିରୀହ ଭଉଣୀ ଉପରେ ରଖୁ
ଦୃଷ୍ଟି ଅଦୃଶ୍ୟରେ ଥାଇ
ତୋ ଅମର ଆତ୍ମାର ସଦଗତି ହେଉ
କାମନା କରୁଛି ମୁହିଁ ॥

ସେପ୍ଟେମ୍ବର ଶୁକ୍ରବାର ଏଗାରଟା
ଖବର ପାଇଲି ମୁହିଁ
ଅତି ଆପଣାର ଭାଇ ମୋ " ବିପିନି"
ନୀରବେ ଯାଇଛି ଶୋଇ ॥

ମାଟି ପାଦ ତଳେ ଥିଲା କି ନ ଥିଲା
ଜାଣି ମୁଁ ପାରିଲି ନାହିଁ
ରୋଗ ପିଶାଚର ଦୃଢ଼ ବନ୍ଧନରୁ
ମୁକୁଳି ପାରିଲା ନାହିଁ॥

ଭାଇ ପରି ଭାଇ ସିଏ ଥିଲା ମୋର
ତାର ସମ କେହି ନାହିଁ
ତାର ଉପସ୍ଥିତି ଯେବେ ମୁଁ ଚାହିଁଛି
ପହଞ୍ଚିଥାଏ ସେ ଯାଇ ॥

ସ୍ୱଚ୍ଛଭାଷୀ, ସ୍ନେହୀ, ଧୈର୍ଯ୍ୟବାନ ଆଉ
ଥିଲା ସେ ସାହାଯ୍ୟକାରୀ
ନିଜ ଦୁଃଖ ନିଜ ଅନ୍ତରରେ ଚାପି
ଚାଲିଥାଏ ଘୂରି ଘୂରି ॥

ଶ୍ରୀମତୀ କିରଣବାଳୀ ସ୍ୱାଇଁ.
ନହରକଣ୍ଟା



# ଜାତୀୟ ମାନବାଧିକାର ଆୟୋଗର ବିଶେଷ ପ୍ରତିବେଦକ ଙ୍କ ଜଗତସିଂହପୁର ଜିଲ୍ଲାରେ ମାନବାଧିକାର ସ୍ଥିତି ସମ୍ପର୍କିତ ଆଲୋଚନା

ଜଗତସିଂହପୁର,୨୦।୯ :(ମନ୍ଥନ) ଜାତୀୟ ମାନବାଧିକାର ଆୟୋଗର ବିଶେଷ ପ୍ରତିବେଦକ ଶ୍ରୀ ସନ୍ତୋଷ କୁମାର ଶତପଥୀ ୩ ଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ ସହ ଆଜି ଶେଷ ଦିନ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ଆଲୋଚନାତ୍ମକ ବୈଠକ ରେ ଜିଲ୍ଲାରେ ମାନବାଧିକାର ସ୍ଥିତି ସମ୍ପର୍କିତ ଆଲୋଚନା କରିଥିଲେ। ବୈଠକ ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଡି ଏଫ୍ ଓ କଟକ,ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜେଲ୍ ଅଧୀକ୍ଷକ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ ଙ୍କ ସମେତ ବିଭିନ୍ନ ଘଏଙ୍ଗ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।ମୁଖ୍ୟ ପ୍ରତିବେଦକ ଶ୍ରୀ ଶତପଥୀ କହିଥିଲେ ଯେ,ଆଜିର ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଗତସିଂହପୁର ଜିଲ୍ଲାରେ ମାନବାଧିକାରର ବର୍ତ୍ତମାନ ସ୍ଥିତି, ବିଭିନ୍ନ ବିଭାଗ ଦ୍ୱାରା ନିଆଯାଉଥିବା ପଦକ୍ଷେପ, କ୍ଷେତ୍ରସ୍ତରର ସମସ୍ୟା ଏବଂ ମାନବାଧିକାର ସୁରକ୍ଷାକୁ ଆହୁରି ସୁଦୃଢ଼ କରିବାର ଉପାୟ ସମ୍ପର୍କରେ ଆଲୋଚନା କରିବା।ମାନବାଧିକାର ସୁରକ୍ଷା ଏକ ସମନ୍ୱିତ ଦାୟିତ୍ୱ। ଏଥିରେ ପ୍ରଶାସନ, ପୋଲିସ, ବନ ବିଭାଗ, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ସାମାଜିକ ସୁରକ୍ଷା, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜେଲ୍ ପ୍ରଶାସନ ଓ ଅନ୍ୟାନ୍ୟ ବିଭାଗର ଭୂମିକା ରହିଛି।ବିଶେଷକରି ମହିଳା ଓ ଶିଶୁଙ୍କ ସୁରକ୍ଷା, ଶିଶୁ ବିବାହ ଓ ଶିଶୁ ଶ୍ରମ ନିରାକରଣ, ଘରୋଇ ହିଂସା, ଯୌତୁକ ନିରୋଧ, ଦଳିତ ବର୍ଗଙ୍କ ଅଧିକାର, ଦିବ୍ୟାଙ୍ଗଜନଙ୍କ ଅଧିକାର, ବରିଷ୍ଠ ନାଗରିକ ଙ୍କ ସୁରକ୍ଷା, ଜେଲ୍ ଓ ହାଜତରେ ମାନବାଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଅଧିକାର, ଜୀବିକା ଓ ସାମାଜିକ ସୁରକ୍ଷା ଭଳି ବିଷୟ ଉପରେ ବିଭାଗୀୟ ଦୃଷ୍ଟିକୋଣରୁ ଆଲୋଚନା ଆବଶ୍ୟକ।ଜିଲ୍ଲାରେ ନିଜର କ୍ଷେତ୍ର ପରିଦର୍ଶନ ର ଅନୁଭୂତି ରୁ ସେ ମିଶନ ଶକ୍ତି ରେ ମା ମାନଙ୍କ ସଫଳତା, ଲକ୍ଷପତି ଦିଦି ସୃଷ୍ଟି ଆଦି ସମ୍ପର୍କରେ ନିଜର ଖୁସି ବ୍ୟକ୍ତ କରିବା ସହ ଜିଲ୍ଲା କୁ ନମ୍ବର ୧ ରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

# ଚତୁର୍ଦ୍ଦଶ ବିଶ୍ୱକର୍ମା ମହୋତ୍ସବ ଉଦ୍‌ଯାପିତ

ପିପିଲି,୨୦।୯ :(ମନ୍ଥନ)ନିର୍ମାଣ କ୍ଷେତ୍ରରେ ରାଜମିସ୍ତ୍ରୀ ମାନେ ହେଉଛନ୍ତି ଆଧୁନିକ ଯୁଗର ବିଶ୍ୱକର୍ମା ବୋଲି ସିଦ୍ଧେଶ୍ୱର ଦେବ ରାଜମିସ୍ତ୍ରୀ ସଂଘ ପକ୍ଷରୁ ସ୍ଥାନୀୟ ଜୟପୁର ଛକ ଠାରେ ଆୟୋଜିତ ‘ଚତୁର୍ଦ୍ଦଶ ପିପିଲି ବିଶ୍ୱକର୍ମା ମହୋତ୍ସବ-୨୦୨୬’ର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।ସିଦ୍ଧେଶ୍ୱର ଦେବ ରାଜମିସ୍ତ୍ରୀ ସଂଘର ମୁଖ୍ୟ ଉପଦେଷ୍ଟା ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଭୁବନେଶ୍ୱର କମିଶନରେଟ୍ ଏସିପି ଶରତ କୁମାର ସାହୁ, ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ, ଉତ୍କଳ ସାମ୍ବାଦିକ ସଂଘ ର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ସମାଜସେବୀ ଗୁଣନିଧି




ପ୍ରଧାନ, ରବିନ୍ଦ୍ର କୁମାର ପାତ୍ର, ଯୁବ ସମାଜସେବୀ ଶଶାଙ୍କ ଶେଖର ମହାନ୍ତି ପ୍ରମୁଖ ଯୋଗଦେଇ ଦେଶର ନିର୍ମାଣ କ୍ଷେତ୍ରରେ ରାଜମିସ୍ତ୍ରୀଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ । ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସଭାପତି ମହେନ୍ଦ୍ର ମାଝୀ ସୂଚନା ଦେଇଥିବା ବେଳେ ସଂପାଦକ ବିନୋଦ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ପର୍ଶୁରାମ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ ରାମଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଅଞ୍ଚଳର ୬ଜଣ ବରିଷ୍ଠ ରାଜମିସ୍ତ୍ରୀଙ୍କୁ ‘ପିପିଲି ବିଶ୍ୱକର୍ମା ରାଜମିସ୍ତ୍ରୀ ଗୌରବ ସମ୍ମାନ’ ଓ ୧୬ଜଣ ଯୁବ ସଂଗଠକ ଓ ସମାଜସେବୀଙ୍କୁ ‘ପିପିଲି ବିଶ୍ୱକର୍ମା ସେବା ସମ୍ମାନ-୨୦୨୬’ ସଂବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ପ୍ରାଚୀ ସଙ୍ଗୀତ ବିଦ୍ୟାଳୟର କଳାକାରମାନେ ଓଡିଶୀ, ସମ୍ବଲପୁରୀ ଓ ଲୋକନୃତ୍ୟ ପରିବେଷଣ କରିଥିବା ବେଳେ ମ୍ୟାଜିକ୍‌ସିଆନ୍ ବିଶ୍ୱରଞ୍ଜନ ସାହୁ ମ୍ୟାଜିକ୍ ପରିବେଷଣ କରିଥିଲେ ।

# ଅନୁଗୋଳ ଜିଲ୍ଲା ବିଜେପିର କାର୍ଯ୍ୟକାରିଣୀ ବୈଠକ

ଅନୁଗୋଳ,୨୦।୯ :(ମନ୍ଥନ)ଅନୁଗୋଳ ଜିଲ୍ଲା ବିଜେପି ର କାର୍ଯ୍ୟକାରିଣୀ ବୈଠକ ଶନିବାର ଜିଲ୍ଲା କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇ ଯାଇଛି । ଆଜି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକ ରେ ଜିଲ୍ଲା ପ୍ରଭାରୀ ଗୋଲକ ମହାପାତ୍ର ଯୋଗଦେଇ ଆଗାମୀ ପଂଚାୟତ, ପୌର ନିର୍ବାଚନ ଉପରେ ବିଜେପି ର ରଣନୀତି ଉପରେ ଆଲୋଚନା କରିଥିଲେ । ସମସ୍ତ ବୁଥ ସ୍ତରରେ ସଂଗଠନ କୁ ମଜବୁତ କରି ନିର୍ବାଚନ ପାଇଁ ଏବେଠାରୁ ପ୍ରସ୍ତୁତ ହେବା ପାଇଁ ଆହ୍ୱାନ ଦେଇଥିଲେ । ସେହିଭଳି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ଯୋଗଦେଇ ମାସେ ବ୍ୟାପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର




ମୋଦି ଙ୍କର ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲାରେ ସମସ୍ତ ମଣ୍ଡଳ ରେ କରାଇବା ପାଇଁ ପ୍ରକାଶ କରିଥିଲେ ଏବଂ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କର ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କାର୍ଯ୍ୟକର୍ତ୍ତା ମାନେ ସେତୁ ଭଳି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ରେ ବିଭିନ୍ନ ସତ୍ର ରେ ପର୍ଯ୍ୟାୟ କ୍ରମେ ଆଲୋଚନା କରାଯାଇଥିଲା ।ଅନ୍ୟତମ ଅତିଥି ଭାବେ ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ଓ ପ୍ରତିମା ମିଶ୍ର, ପ୍ରାକ୍ତନ ବିଧାୟକ ରମେଶ ସାଏ, ଜିଲ୍ଲା ସାଧାରଣ ପ୍ରଭାତ କୁମାର ପ୍ରଧାନ, ସୁଦିପ ଗଡ଼ନାୟକ ଓ ବସନ୍ତ ମଞ୍ଜରୀ ପ୍ରଧାନ, ଜିଲ୍ଲା ଝଉଉ ଚେୟାରମେନ ବଶିଷ୍ଠ ନାୟକ, ତାଳଚେର ନଗରପାଳ ପବିତ୍ର ଭୁତିଆ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସମ୍ପାଦକ ପ୍ରତ୍ୟୁଷ ପଣ୍ଡା ଓ ଆଇ ଟି ସଂଯୋଜକ ସୀପନ ଦେହୁରୀ ବୈଠକ ରେ ବ୍ୟବସ୍ଥା ଦାୟିତ୍ୱ ନିର୍ବାହ କରିଥିଲେ ଝସମସ୍ତ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ ।

# ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉପଲକ୍ଷେ ସପ୍ତଦଶ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ

ଅନୁଗୋଳ,୨୦।୯ :(ମନ୍ଥନ) ସ୍ଥାନୀୟ ନାଲ୍ କୋନଗରଠାରେ ୧୭ତମ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ଗତକାଲି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ଓରମାସ ର ମିଳିତ ସହଯୋଗରେ ଆୟୋଜିତ ଏହି ମେଳା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଆଠ ଦିନ ବ୍ୟାପୀ ଚାଲିବ। ଗ୍ରାମାଞ୍ଚଳର ଗରିବ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ , ଉତ୍ପାଦକ କମ୍ପାନୀ ଓ ଚାଷୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଏବଂ ସେଗୁଡ଼ିକର ବଜାର ଚାହିଦା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆୟୋଜିତ ଏହି ମେଳାରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। ଚଳିତ ବର୍ଷ ଏହି ମେଳାରେ ମୋଟ ୨୨୦ଟି ସାଧାରଣ ଷ୍ଟଲ୍ ଏବଂ ୧୪ଟି ବିଶେଷ ଖାଦ୍ୟ ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ରାଜ୍ୟର ୩୦ଟି ଜିଲ୍ଲା ସମେତ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ, ଜାମ୍ମୁ ଓ କାଶ୍ମୀର, କର୍ଣ୍ଣାଟକ, ପଞ୍ଜାବ, ରାଜସ୍ଥାନ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ତେଲେଙ୍ଗାନା, ଆସାମ, ଦିଲ୍ଲୀ, ମଣିପୁର, ତାମିଲନାଡୁ ଆଦି ରାଜ୍ୟର



କାରିଗରମାନେ ଅଂଶଗ୍ରହଣ କରିଛନ୍ତି। ଏହା ସହିତ ଜିଲ୍ଲା ଶିଳ୍ପ ବିଭାଗ, ହସ୍ତତନ୍ତ, ହସ୍ତଶିଳ୍ପ, ବୟନଶିଳ୍ପ, ହସ୍ତଶିଳ୍ପ ବିକାଶ କମିଶନର ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ମଧ୍ୟ ଷ୍ଟଲ୍ ପ୍ରଦର୍ଶିତ ହୋଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ସଂସ୍କୃତି ବିଭାଗର ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସେଲଫି ପଏଣ୍ଟର ବ୍ୟବସ୍ଥା କରାଯାଇଥିବା ବେଳେ, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କ ପାଇଁ ହୁଇଲ୍ ଚେୟାର୍, ସ୍ୱଚ୍ଛ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏହି ମେଳା ପ୍ରତିଦିନ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉଦଘାଟନୀ ଦିବସରେ ମାନ୍ୟବର ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡ଼ନାୟକ, ଜିଲ୍ଲାପାଳ ଶ୍ରୀ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍ତର, ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାହୁଲ ଜୈନଙ୍କ ସମେତ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ଅଭାବରୁ ଶିଶୁର ମୃତ୍ୟୁ ଅଭିଯୋଗ

ନବରଙ୍ଗପୁର,୨୦।୯ :(ମନ୍ଥନ) ରାସ୍ତା ନାହିଁ। ଦୁଇଟି ନାଳ ପାର ହୋଇ କଚା ରାସ୍ତାରେ ଯିବାକୁ ପଡୁଛି। ଗାଁକୁ ଆମ୍ବୁଲାନ୍ସ ଯିବା ମଧ୍ୟ କଷ୍ଟକର। ଏଭଳି ଦୁର୍ଗମ ଯୋଗାଯୋଗ ବ୍ୟବସ୍ଥା ଯୋଗୁଁ ଜରୁରୀ ସମୟରେ ଚିକିତ୍ସା ନପାଇ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲ୍ଲା ତୋରା ପଞ୍ଚାୟତ ଅଧୀନ କେନ୍ଦୁଘାଟ ଗ୍ରାମରେ ଝାଡ଼ାବାନ୍ତି ଓ ଜ୍ୱର ବ୍ୟାପିବା ଘଟଣା ମଧ୍ୟରେ ଏହି ଅଭିଯୋଗ ଚିନ୍ତା ବଢ଼ାଇଛି।ଗତକାଲି ଝାଡ଼ାବାନ୍ତିରେ ୮ ବର୍ଷର ଶିଶୁ ଉଦୟନାଥଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ଗ୍ରାମବାସୀଙ୍କ କହିବାନୁସାରେ, ଅସୁସ୍ଥ ଶିଶୁକୁ ଚିକିତ୍ସାଳୟ ନେବା ସମୟରେ ରାସ୍ତା ସମସ୍ୟା ବାଧା ସୃଷ୍ଟି କରିଥିଲା। ଗାଁକୁ ଯିବା ପାଇଁ ଦୁଇଟି ନାଳ ପାର ହେବା ସହ କଚା ରାସ୍ତାରେ ଯିବାକୁ ପଡୁଥିବାରୁ ଆମ୍ବୁଲାନ୍ସ ଯାତାୟାତ ମଧ୍ୟ ସହଜ ନୁହେଁ।ଏପଟେ ଗ୍ରାମରେ ଝାଡ଼ାବାନ୍ତି ଓ ଜ୍ୱରରେ ଅସୁସ୍ଥ ୧୬ ଜଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିଛି। ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୭ ଜଣ ଚିକିତ୍ସାଧୀନ ଥିବା ବେଳେ ସେମାନଙ୍କ ଅବସ୍ଥା ସ୍ଥିର ରହିଛି।ରୋଗର କାରଣ ଜାଣିବା ପାଇଁ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜର ୫ ଜଣିଆ ଟିମ୍?



କେନ୍ଦୁଘାଟରେ ପହଞ୍ଚି ଯାଞ୍ଚ କରିଛନ୍ତି। ଟିମ୍‌ରେ ଡାକ୍ତର ରମେଶ ଚନ୍ଦ୍ର ବିଶାଳ, ଆସିଷ୍ଟାଣ୍ଟ ପ୍ରଫେସର, କମ୍ୟୁନିଟି ମେଡିସିନ; ଡାକ୍ତର ସୋରଭ ମହାନ୍ତି, ଆସିଷ୍ଟାଣ୍ଟ ପ୍ରଫେସର, ମାଇକ୍ରୋବାୟୋଲୋଜି; ଡାକ୍ତର ନିହାରରଞ୍ଜନ ସାହୁ, ଜେନେରାଲ୍ ମେଡିସିନ; ଲକ୍ଷ୍ମୀନାରାୟଣ ନାୟକ, ଆସିଷ୍ଟାଣ୍ଟ ପ୍ରଫେସର, ପିଡିଆଟ୍ରିକ୍ସ ଏବଂ ସୁରୂପ ସାବତ, ଲାବ୍ ଟେକ୍ନିସିଆନ୍ ରହିଛନ୍ତି।ଟିମ୍ ପକ୍ଷରୁ ଅସୁସ୍ଥ ବ୍ୟକ୍ତିଙ୍କ ରକ୍ତ ନମୁନା ଓ ପାନୀୟ ଜଳର ନମୁନା ସଂଗ୍ରହ କରାଯାଇଛି। ପାଣି ଦୂଷିତ ହେବା ସହ ଝାଡ଼ାବାନ୍ତିର ଅନ୍ୟାନ୍ୟ ସମ୍ଭାବ୍ୟ କାରଣ ଉପରେ ମଧ୍ୟ ଯାଞ୍ଚ ଚାଲିଛି।ସେହିପରି ପୂଜାରୀଗୁଡ଼ା ସିଏଚ୍?ସି ପକ୍ଷରୁ ଗ୍ରାମରେ ବ୍ୟାନର ଓ ପୋଷ୍ଟର ଲଗାଇବା ସହ ଡାକ୍ତର, ଏନ୍‌ଏମ୍ ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି। ହାତ ଧୋଇବା, ସ୍ୱଚ୍ଛତା ରକ୍ଷା, ସୁରକ୍ଷିତ ଖାଦ୍ୟ ଓ ପାନୀୟ ଜଳ ବ୍ୟବହାର ନେଇ ଲୋକଙ୍କୁ ସଚେତନ କରାଯାଉଛି।ଗ୍ରାମବାସୀ ତୁଳାରାମ ଗୌଡ଼, ନାଥ ଗୌଡ଼, ଚୈତନ୍ୟ ଗୌଡ଼,ଦୌପଦୀ ଗୌଡ଼ ଓ ଚନ୍ଦ୍ରକାନ୍ତ ଗୌଡ଼ ପ୍ରମୁଖ ଗାଁକୁ ସୁଗମ ରାସ୍ତା ନିର୍ମାଣ ଦାବି କରିଛନ୍ତି। ସେମାନଙ୍କ କହିବାନୁସାରେ, ରାସ୍ତା ଅଭାବ ଯୋଗୁଁ ଜରୁରୀ ସମୟରେ ରୋଗୀଙ୍କୁ ଶୀଘ୍ର ଚିକିତ୍ସାଳୟ ନେବାରେ ବାଧା ସୃଷ୍ଟି ହେଉଛି।ରକ୍ତ ଓ ପାଣି ନମୁନାର ପରୀକ୍ଷା ରିପୋର୍ଟ ଆସିବା ପରେ ଗାଁରେ ଝାଡ଼ାବାନ୍ତି ବ୍ୟାପିବାର ପ୍ରକୃତ କାରଣ ସ୍ପଷ୍ଟ ହେବ। ତେବେ ରୋଗ ନିୟନ୍ତ୍ରଣ ସହ କେନ୍ଦୁଘାଟର ଦୁର୍ଗମ ରାସ୍ତା ସମସ୍ୟାର ସମାଧାନ ଏବେ ଗୁରୁତ୍ୱପୂର୍ଣ୍ଣ ଦାବି ହୋଇଛି।

# ନାବାଳିକା କୁ ଦୁଷ୍କର୍ମ ଘଟଣା ରେ ଅଭିଯୁକ୍ତଙ୍କୁ ୨୦ବର୍ଷ ର କାରାଦଣ୍ଡାଦେଶ

ଯାଜପୁର, ୨୦।୯ :(ମନ୍ଥନ) ୨୦୧୭ମସିହା ସୁକିନ୍ଦା ଥାନା ଅଂଚଳରେ ୧୬ବର୍ଷିୟ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ। ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅନ୍ତର୍ଗତ ମୋଟପାଟଣା ଗ୍ରାମର ଭାଗିରଥି ସାହୁଙ୍କ ପୁଅ ଅନନ୍ତ କୁମାର ସାହୁଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଇଲେ ପୋକସୋ ଫାଷ୍ଟଟ୍ରାକ ସ୍ପେସାଲ ଅଦାଲତ। ଅଭିଯୁକ୍ତ ଟୁରିଷ୍ଟ ଗାଇଡ଼ ଭାବେ କାମ କରେ। ନାବାଳିକାକୁ ପ୍ରଲୋଭିତ କରି କେରଳକୁ ଅପହରଣ କରି ନେଇ ସେଠାରେ ବାରମ୍ବାର ଦୁଷ୍କର୍ମ କରିଥିଲା। ଏ ନେଇ ପୀଡ଼ିତା ଙ୍କ ପରିବାର ବର୍ଗ ଅପହରଣ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ପୋଲିସ ଟ୍ରାକିଂ କରି ନାବାଳିକା କୁ କେରଳରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଅନନ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଆଜି ଏହି ମାମଲା ର ଶୁଣାଣି କରିଛନ୍ତି ଯାଜପୁର ର ଆଡ଼ହକ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ। ୨୨ ଜଣଙ୍କ ସାକ୍ଷ ଓ ୧୫ ଗୋଟି ଦସ୍ତାବିଜ କୁ ଆଧାର କରି ଅଭିଯୁକ୍ତ ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଏଥି ସହିତ ଅନାଦୟ ୧୨ ମାସ ଅଧିକ କାରାଦଣ୍ଡାଦେଶ ସହ ପିଡିତା ଙ୍କୁ ୧ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ବିଚାରପତି ଶରତ କୁମାର ଦେହୁରୀ । ଏହି ମାମଲାକୁ ସରକାରୀ ଓକିଲ ଅଲିପ କୁମାର ନାୟକ ପରିଚାଳନା କରିଛନ୍ତି ।

# ଗୋଚର ଜମିରେ ବେଆଇନ ଶବଦାହ ପ୍ରତିବାଦରେ ଯାଜପୁର ଦ୍ୱାରସ୍ଥ

ଯାଜପୁର,୨୦।୯ :(ମନ୍ଥନ) ଗୋଚର ଜମିରେ ବେଆଇନ ଶବଦାହ ପ୍ରତିବାଦରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହେଲେ ଉଡ଼ରଙ୍ଗ ରାମ୍ବଲପୁରବାସୀ। ଅଭିଯୋଗ ମୁତାବକ ଉଡ଼ରଙ୍ଗ ପଂଚାୟତର ରାମ୍ବଲପୁର ଗ୍ରାମରେ ଏକ ସ୍ମଶାନ ଥିବା ସତ୍ତ୍ୱେ ଗ୍ରାମର ଅନେକ ସବର୍ଣ୍ଣ ଲୋକେ ହରିଜନ ବସ୍ତି ନିକଟରେ ଥିବା ଗୋଚର ଜମିରେ ଶବ ଦାହ କରୁଛନ୍ତି। ବାରମ୍ବାର ମନା କରିବା ସତ୍ତ୍ୱେ ଧମକପୂର୍ଣ୍ଣ ଗାଳି କରୁଛନ୍ତି। ଏଠାରେ ଶବ ଦାହ ହେବା ଫଳରେ ବସ୍ତିରେ ଥିବା ୩୫ରୁ ଊର୍ଦ୍ଧ୍ୱ ପରିବାରବର୍ଗଙ୍କ ଜୀବନଯାପନ ଉପରେ ପ୍ରଭାବ ପଡୁଛି। ଦୁର୍ଗନ୍ଧ ଯୋଗୁ ଘରେ ଚଳାଚଳ କରିବା କଷ୍ଟକର ହୋଇଯାଉଛି। ତେବେ ଏହାକୁ ବିରୋଧ କରି ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅଫିସରେ ପହଂଚି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

# ଶ୍ରୀଗଣେଶ ପୂଜା କମିଟି ପକ୍ଷରୁ ପୌରାଣିକ ଆଲୋଚନା ଚକ୍ର

ଡେଲାଙ୍ଗ,୨୦।୯ :(ମନ୍ଥନ) ଡେଲାଙ୍ଗ ବ୍ଲକ ମୁନିନ୍ଦା ପଞ୍ଚାୟତ ଅନ୍ତର୍ଗତ ସେବତୀପୁର - ପୂର୍ବପାରି ଗ୍ରାମରେ ଶ୍ରୀ ଗଣେଶ କମିଟି ପକ୍ଷରୁ ପୌରାଣିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ପୂଜା କମିଟି ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ବରିଷ୍ଠ ସମାଜସେବୀ ସୁରେନ୍ଦ୍ରନାଥ ନାୟକ ଅଧ୍ୟକ୍ଷତା କରିଥିଲେ ଝବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ପୂଜା କମିଟି ସଭାପତି କୁମାର ପ୍ରଧାନ, ସମ୍ପାଦକ ସନ୍ତୋଷ ସେଠୀ, ରାହାସ ନାୟକ, କେଲୁଚରଣ ପରିଡା, ସୁଶାନ୍ତ ସେଠୀ, ପ୍ରକାଶ ପ୍ରଧାନ, ପ୍ରକାଶ ନାୟକଙ୍କ ସମେତ ଗ୍ରାମର ବରିଷ୍ଠ ବ୍ୟକ୍ତି ଓ ବୁଦ୍ଧିଜୀବିମାନେ ଉପସ୍ଥିତ ରହି ଶ୍ରୀମଦ୍ ଭଗବତ ଗୀତା, ଓ ରାମାୟଣ, ମହାଭାରତ, ଭାଗବତ ଆଦି ପ୍ରାଚୀନ ଧର୍ମ ଶାସ୍ତ୍ର ସମ୍ପର୍କରେ ଆଲୋକପାତ କରିଥିଲେ । ଆଜିର ଯୁବପିଢି ଧର୍ମ, ସତ୍‌କର୍ମ ଓ ବରିଷ୍ଠ ମାନଙ୍କୁ ଭକ୍ତି କରିବାର ନୀତିଶିକ୍ଷା ଭୁଲି ସେସବୁ ଠାରୁ ଦୁରେଇ ଗଲାଣି । ପୁରାତନ କାଳରେ ପ୍ରତ୍ୟେକ ଗାଁରେ ଭଗବତ ଟୁଙ୍ଗିରେ ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ଓ ଗୀତା ଆଦି ପାଠ କରାଯାଇ ଆଧାତ୍ମିକ ଚେତନା ସୃଷ୍ଟି କରାଯାଇଥାଏ । ଗ୍ରାମର ବୃଦ୍ଧ, ବାଳକ ଓ ଯୁବକ ମାନେ ସନ୍ଧ୍ୟାରେ ଏକତ୍ର ହୋଇ ଶ୍ରବଣ କରିବା ସହିତ ସତମାର୍ଗରେ ଅଗ୍ରସର ହେବା ଓ ଧର୍ମକର୍ମର ହିତବାଣୀ ସମ୍ପର୍କରେ ଅବଗତ ହୋଇଥାନ୍ତି । କହିବାକୁ



ଗଲେ ଏହି ପୌରାଣିକ ଗାଥାର ଅମୃତ ବାଣୀ ସେମାନଙ୍କ ଜୀବନ ଯାପନ ଉପରେ ପ୍ରଭାବ ପକାଇବା ସହିତ ସମାଜରେ ଜଣେ ଭଲମଣିଷ ସୃଷ୍ଟି କରିବାରେ ସେସବୁ ମାର୍ଗ ସହାୟ ହେଉଥିଲା । ହେଲେ ଆଜିକାଲିର ଯୁବପିଢି ପ୍ରତ୍ୟେକ ସମୟରେ ମୋବାଇଲ ଉପରେ ନିର୍ଭରଶୀଳ । ସେ ପଠପଢା ହେଉ କି ହିସାବ ନିକାଶ ସମସ୍ତ କ୍ଷେତ୍ରରେ ମୋବାଇଲ ଉପରେ ଯୁବପିଢି ନିର୍ଭରଶୀଳ, ଯାହାଦ୍ୱାରା ମାନସିକ ବିକାଶ ପରିବର୍ତ୍ତେ ବିକାରଗ୍ରସ୍ତ ହେବାରେ ଲାଗିଛି । ଜେଜେମାଙ୍କ ପାଖରୁ ଆଉ ନୀତିଶିକ୍ଷା ସମ୍ପର୍କିତ ଗଳ୍ପ ଓ ଭାଗବତ ଟୁଙ୍ଗିରୁ ଆଉ ପୌରାଣିକ କଥା ପଢିବାକୁ କି ଶୁଣିବାକୁ କୌଣସି ଯୁବ ପିଢି ଆଗ୍ରହ ପ୍ରକାଶ କରୁନାହାଁନ୍ତି । ପ୍ରତ୍ୟେକ ଯୁବପିଢି କିଂଚିତ ସମୟ ମୋବାଇଲ ଠାରୁ ଦୂରରେ ରହି ପାରୁ ନାହାଁନ୍ତି। ସେ ସମୟରେ ଦୀର୍ଘ ବର୍ଷ ପଛକୁ ଗଲେ ପୂର୍ବଜ ପରମ୍ପରା କୁ ମନେ ପକାଇଲେ ପୌରାଣିକ ଗାଥାର ଅମୃତବାଣୀ ସମ୍ପର୍କରେ ବୟସ୍କ ମାନଙ୍କ ଠାରୁ ଶ୍ରବଣ କଲେ ଭବିଷ୍ୟତ ଉଜ୍ଜଳମୟ ହେବା ସହିତ ଭଲମଣିଷ ଭାବେ ପ୍ରତିଷ୍ଠିତ ହୋଇପାରିବ ବୋଲି ଅତିଥିମାନେ ଏଠାରେ ନିଜର ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ଗ୍ରାମର ବରିଷ୍ଠ ସାମାଜସେବୀ ସୁରେନ୍ଦ୍ର ନାୟକ ନାଟକ “ବାନର ଖୋଜୁଛି ସତୀ ସନ୍ଧାନ” ମଂଚକୁ ଉଦ୍‌ଘାଟନ କରିଥିଲେ ।ସେହିପରି ଗ୍ରାମରେ ଏକତ୍ର ହୋଇ ପୂଜା ପର୍ବ,ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଖୋଲା ପଡିଆ ନଥିବା ବେଳେ ତୁରନ୍ତ ନଦୀ କୂଳରେ ମାଟି ପୋତି ଖୋଲା ପଡିଆର ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକଙ୍କୁ ନିବେଦନ କରାଯାଇଥିଲା ।

# ପୋଲିସ ପ୍ରଶାସନକୁ ଚଖମା ଦେଉଛି ବ୍ୟାଣ୍ଡ ପାର୍ଟି

ଯାଜପୁର, ୨୦।୯ :(ମନ୍ଥନ) ଯାଜପୁର ସହରରେ ଡିଜେ ବ୍ୟାନ କରିବା ସତ୍ତ୍ୱେ ପୋଲିସ ପ୍ରଶାସନକୁ ଚଖମା ଦେଉଛି ବ୍ୟାଣ୍ଡ ପାର୍ଟି। ଶବ୍ଦ ପ୍ରଦ୍ୟୁଷଣ ରୋକିବା ପାଇଁ ଯାଜପୁର ସହରରେ ଡିଜେକୁ ବ୍ୟାନ କରାଯାଇଛି ହେଲେ ବ୍ୟାଣ୍ଡ ପାର୍ଟ ମାଲିକ ମାନେ ଗୋଟିଏ ସାଉଣ୍ଡ ବକ୍ସରେ ୩୨ଗୋଟି ପ୍ରେସର ମିଡ ଲଗାଇ ପୋଲିସକୁ ଚଖମା ଦେଉଛନ୍ତି। ୬୦ଡେସିମିଲ ଶବ୍ଦ ବ୍ୟବହାର ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ମିଳିଥାଏ ହେଲେ ଭାଷାଣି ସମୟରେ ଏହା ୧୦୦ ଡେସିମିଲ ଅତିକ୍ରମ କରିଥିବା ଦେଖିବାକୁ ମିଳିଥାଏ। ପ୍ରଶାସନ ପକ୍ଷରୁ ୬ଟି ସାଉଣ୍ଡ ବକ୍ସ ବ୍ୟବହାର କରିବା ପାଇଁ ଅନୁମତି ମିଳିଥିବା ସତ୍ତ୍ୱେ ପୋଲିସ ପ୍ରଶାସନ ର ଆଖି ସାମ୍ନାରେ ୧୨ରୁ ୧୬ ସାଉଣ୍ଡ ବକ୍ସ ବ୍ୟବହାର କରାଯାଉଛି। ତେବେ ପୋଲିସ ଏ ବ୍ୟାଣ୍ଡ ପାର୍ଟ ମାନଙ୍କୁ ନିଜ ଆୟତ କୁ କରିବା ପାଇଁ ଅସମର୍ଥ ନା ଜାଣିଶୁଣି ଜନସାଧାରଣଙ୍କୁ ବୋକା ବିନାଇ ପ୍ରହଶନ କରୁଛି। ସୂଚନା ଥାଉକି ଏହି ଶବ୍ଦ ପ୍ରଦ୍ୟୁଷଣ ପାଇଁ ଜିଲ୍ଲାରେ ଗତ ୫ ବର୍ଷ ମଧ୍ୟରେ ୬ରୁ ଅଧିକ ଜୀବନ ଯାଇଛି।

# ଅନୁଗୋଳ ଜେଲ ରୁ ମୁକୁଳିଲେ କୋଶଳା ଗ୍ରାମର ୫ ଜଣ ପରିବେଶ ପ୍ରେମୀ

ଛେଣ୍ଡିପଦା,୨୦।୯ :(ମନ୍ଥନ) ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ସ୍ୱାଧିନତା ସଂଗ୍ରାମୀ ତଥା ବୀର ମାଟି ଭାବେ ପରିଚିତ କୋଶଳ। ଗ୍ରାମର ୫ ଜଣ ପରିବେଶ ସଂଗ୍ରାମୀ କୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଙ୍କ ଆଦେଶ କ୍ରମେ ଶୁକ୍ରବାର ଅନୁଗୋଳ କୋର୍ଟ ପକ୍ଷରୁ ଜାମିନ ମିଳିଥିବା ଜଣାପଡ଼ିଛି । ତେବେ ଜାମିନ ଆଦେଶ ମଞ୍ଜୁର ହେଲା ପରେ ଜେଲ ଚାରି କାନ୍ଥ ଭିତରେ ଦଣ୍ଡ ଭୋଗୁଥିବା ସେହି ୫ ଜଣ ପରିବେଶ ସଂଗ୍ରାମୀ ମାନଙ୍କୁ ପାଛୋଟି ଆଣିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଅନୁଗୋଳ ଜେଲ ସମ୍ମୁଖରେ ସନ୍ଧ୍ୟା ପ୍ରାୟ ସାଢେ ସାତଟା ବେଳେ ତାଙ୍କର ସମର୍ଥକ ଶୁଭେଚ୍ଛୁ ଏବଂ ଅଞ୍ଚଳ ବାସୀ ଙ୍କ ଅସମ୍ଭବ ଭାବେ ଭିଡ଼ ଲାଗିଥିଲା । ଏହାପରେ ଆନନ୍ଦୋଳନକାରୀ ପରିବେଶ ପ୍ରେମୀ ସଂଗ୍ରାମୀ ମାନଙ୍କୁ ନିଜ ଗ୍ରାମ କୋଶଳ। କୁ ସ୍ୱତନ୍ତ୍ର ଭାବେ ସସମ୍ମାନ ପୂର୍ବକ ଅଣାଯାଇଥିଲା । ଏହି ଅବସରରେ କୋଶଳ। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ରାମଚଣ୍ଡୀ ମନ୍ଦିର ପରିସରରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ମା ଙ୍କ ମନ୍ଦିର ଠାରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା । ଜେଲ ରୁ ମୁକୁଳିବା



ପରେ ତାଙ୍କର ସମର୍ଥକ ଶୁଭେଚ୍ଛୁ ଏବଂ ଗ୍ରାମବାସୀ ମହଲରେ ଆନନ୍ଦ ପରିଲକ୍ଷିତ ହୋଇଛି । ସୂଚନା ଯୋଗ୍ୟ ଯେ, ଛେଣ୍ଡିପଦା ଠାରୁ ଅନୁଗୋଳ ପର୍ଯ୍ୟନ୍ତ ସଂଯୋଗ କରୁଥିବା ୬୩ ନମ୍ବର ରାଜ୍ୟ ରାଜପଥ ମଧ୍ୟ ଦେଇ ଏପରିକି କୋଶଳ। ଗ୍ରାମ ବଜାର ଦେଇ ଶହ ଶହ ସଂଖ୍ୟକ କୋଇଲା ବୋଝେଇ ଟ୍ରକ ଚଳାଚଳ କରୁଥିବା ଯୋଗୁଁ ଗ୍ରାମର ପରିବେଶ ପ୍ରଦୂଷଣ ସମସ୍ୟା ଦ୍ୱିଗୁଣିତ ହୋଇଥିଲା । ଏହାକୁ ସମ୍ପୂର୍ଣ୍ଣ ଭାବେ ଗ୍ରାମବାସୀ ବିରୋଧ କରିବା ସହ ଦୀର୍ଘ ଦିନ ଧରି ଚନ୍ଦନ ନଗର ଠାରେ ରାସ୍ତା ରୋକ ଆନ୍ଦୋଳନ କରିଥିଲେ । ଏହାର ଆଗ ଧାଡି ନେତୃତ୍ୱ ନେଇଥିଲେ ପରିବେଶ ପ୍ରେମୀ ସଂଗ୍ରାମୀ ମାନେ ହେଲେ ସିଦ୍ଧାର୍ଥ ଶଙ୍କର ସାହୁ, କମାର ପ୍ରଧାନ, ଚିତ୍ତ ରଞ୍ଜନ ସାହୁ, ଗଗନ ବିହାରୀ ବେହେରା, ସୁନୀଲ କୁମାର ବେହେରା । ତେବେ ନୟନି କୋଲ ବ୍ଲକ ସିଙ୍ଗରେନି କମ୍ପାନୀ କର୍ତ୍ତୃପକ୍ଷ ଙ୍କ ଇଙ୍ଗିତ କ୍ରମେ ଏବଂ କେତେକ ବିରୋଧି ଦଳର ନେତା ଙ୍କ ପ୍ରରୋଚନାରେ ମିଥ୍ୟା ମାମଲା ରୁଜୁ କରି ଅନ୍ୟାୟ ଓ ଅଗଣତାନ୍ତ୍ରିକ ଭାବେ ଜେଲ ଦଣ୍ଡ ଭୋଗିବାକୁ ପଡିଲା। ଏ ନେଇ ଛେଣ୍ଡିପଦା ଥାନା କେସ ନମ୍ବର ୧୬୩/୨୦୨୬ ଓ ଜେ ଏମ ଏଫ୍ ସି କୋର୍ଟ ଜି ଆର କେସ ନମ୍ବର ୪୬୪/୨୦୨୬ ଅନୁଯାୟୀ ମାମଲା ବିଚାରଧୀନ ରହିଛି । ତେବେ ଦୀର୍ଘ ୧୬୦ ଦିନ ଜେଲ ଦଣ୍ଡ ଭୋଗିବା ପରେ ସେମାନଙ୍କୁ ସର୍ତ୍ତ ମୂଳକ ଜାମିନ ମିଳିଥିବା ଜଣାପଡ଼ିଛି । ଅନ୍ୟ ପକ୍ଷରେ ଜେଲ ରୁ ବାହାରିବା ପରେ ସେମାନଙ୍କୁ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହାପରେ ନିଜ ଜନ୍ମ ମାଟି କୋଶଳ। ଗ୍ରାମକୁ ପହଞ୍ଚିବା ପରେ ହାଇ ସ୍କୁଲ ଛକ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ମା ରାମଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ହଜାର ହଜାର ସମର୍ଥକ ଏବଂ ଗ୍ରାମବାସୀ ଙ୍କ ଗହଣରେ ନିଆଯାଇଥିଲା । ସେଠାରେ ସ୍ଥାନୀୟ ଗ୍ରାମବାସୀ ଏବଂ ଅଞ୍ଚଳ ବାସୀ ସେମାନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସ୍ଥାନୀୟ କମ୍ପାନୀ ପ୍ରଶାସନ ତଥା କେତେକ କୁଚକ୍ରୀ ଗୋଷ୍ଠି ଙ୍କ ହୀନ ଉଦ୍ଦେଶ୍ୟ ଯୋଗୁଁ ପରିବେଶ ପ୍ରେମୀ ସଂଗ୍ରାମୀ ମାନଙ୍କୁ ଜେଲ ଦଣ୍ଡାଦେଶ ମିଳିଥିବା ଯୋଗୁଁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଆଗାମୀ ଦିନରେ ପରିବେଶ ସୁରକ୍ଷା ସକାଶେ ଜନ ଆନ୍‌ଦୋଳନ ଜୋରଦାର କରାଯିବ ବୋଲି ଏକ ପ୍ରେସ ବାର୍ତ୍ତା ମାଧ୍ୟମ ରେ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



# କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ ପକ୍ଷରୁ ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ

ଗୋପ, ୨୦।୯ :(ମନ୍ଥନ) ଐତିହାସିକ ବିଶ୍ୱପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କର ଅନତିଦୂରରେ ଅବସ୍ଥିତ ପୂରାଣ ପ୍ରସିଦ୍ଧ ତୀର୍ଥସ୍ଥାନ ଚନ୍ଦ୍ରଭାଗା ତୀର୍ଥ ଠାରେ ଭାଦ୍ରବ ଶୁକ୍ଳ ନବମୀ ତିଥି ପବିତ୍ର କନ୍ୟା ଆଦ୍ୟ ରବିବାର ରେ ଧାର୍ମିକ ଓ ଆଧାତ୍ମିକ ଅନୁଷ୍ଠାନ 'କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ' ପକ୍ଷରୁ ସୂର୍ଯ୍ୟଆଳତି ଅନୁଷ୍ଠିତ ହୋଇଯାଇଛି ।ହଜାର ହଜାର ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁ ଙ୍କ ସମାବେଶରେ ଟ୍ରଷ୍ଟ ର କର୍ମକର୍ତ୍ତା ସକ୍ରିୟ ଅଂଶ ଗ୍ରହଣ କରି ଉଦୟ କାଳୀନ ଆଦିତ୍ୟ ନାରାୟଣଙ୍କ ର ଆଶିଷ ଭିକ୍ଷା କରିଥିଲେ। ବାର୍ଷିକ ପଞ୍ଜିକାନୁଯାୟୀ ପ୍ରତ୍ୟୁଷ ୫ଟା ୩୮ମିନିଟ୍ ସମୟରେ ସୂର୍ଯ୍ୟ ଉଦୟ ସମୟରେ ସୂର୍ଯ୍ୟ ପୂଜା, ବନ୍ଦାପନା କାର୍ଯ୍ୟକ୍ରମ ସମାହିତ ହୋଇଥିଲା। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ଧର୍ମୀୟ ଭାବ ଜାଗ୍ରତ କରିବା ତଥା ମଙ୍ଗଳ ଉଦ୍ଦେଶ୍ୟରେ ଟ୍ରଷ୍ଟ ପକ୍ଷରୁ ଆରମ୍ଭ ହୋଇଥିବା ଉକ୍ତ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ ରେ କର୍ତ୍ତା ଭାବରେ ସାଂସଦଙ୍କ ପ୍ରତିନିଧି ମଂଗରାଜ ମୁଦୁଲି ଯୋଗ ଦେଇଥିଲେ । ଟ୍ରଷ୍ଟର ମାର୍ଗଦର୍ଶକ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ସକ୍ରିୟ



ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ସୁକାନ୍ତ ନାୟକ, ସମ୍ପାଦକ ରବିନ୍ଦ୍ର କୁମାର ପ୍ରଧାନ, ପ୍ରସନ୍ନ ତ୍ରିପାଠୀ, ପ୍ରତାପ ରାଉତ,ପଞ୍ଚାନନ ବରାଳ, ସବିତା ରଥ,ପୂର୍ଣ୍ଣଚନ୍ଦ୍ର ଲେଙ୍କା, ବିଜୟ ପାଢ଼ୀ,ବିନାୟକ ସ୍ୱାଇଁ,ଶିକ୍ଷାବିତ୍ କାମଦେବ ବିଶ୍ୱାଳ,ନଟବର ମହାରଣା,ପବିତ୍ର ନାୟକ,ସୁରେଶ ପ୍ରଧାନ, ବିଶ୍ୱଜିତ ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସୁପରିଚାଳନା କରିଥିଲେ। ଅଖଣ୍ଡ ନାମ ସଂକୀର୍ତ୍ତନ, ଘଣ୍ଟ ମାର୍ଦ୍ଦଳ ଓ ଶଙ୍ଖବାଦ୍ୟର ଆବାହନରେ ସକଳ ଶକ୍ତି ର ଆଧାର ସୂର୍ଯ୍ୟଦେବଙ୍କ ପୂଜାର୍ଚ୍ଚନା ତଥା ହୋମ କାର୍ଯ୍ୟକ୍ରମ ସମୟ ରେ ଅନେକ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁଙ୍କୁ ସମାବେଶ ରେ ଏକ ଆଧ୍ୟାତ୍ମିକ ଭାବାବେଗ ଆଣିଥିଲା। ଏହି ଧାର୍ମିକ ଓ ଆଧାତ୍ମିକ ଅନୁଷ୍ଠାନ କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ସୌରମାସ ର ପ୍ରଥମ ରବିବାର ରେ ନିରବଚ୍ଛିନ୍ନ ଭାବେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ କରାଯାଇ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଛି । ଏହି ସଫଳତାକୁ ଦୃଷ୍ଟିରେ ରଖି ସୂର୍ଯ୍ୟ ଆଳତି ଟ୍ରଷ୍ଟ ପକ୍ଷରୁ ଏଥିପାଇଁ ଏକ ସମୟ ସାରଣୀ ପ୍ରସ୍ତୁତ କରାଯାଇଛି । ପ୍ରସ୍ତୁତ ସାରଣୀ ଅନୁଯାୟୀ ଆଗାମୀ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ମାସ ୧୮ତାରିଖରେ ଅନୁଷ୍ଠିତ ହେବ। ଏହି ଭବ୍ୟ ଓ ଦିବ୍ୟ ଆଧାତ୍ମିକ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେବା ପାଇଁ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ନିବେଦନ କରିଛନ୍ତି ।

# ଅତିବଡ଼ୀ ଜଗନ୍ନାଥ ଦାସ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ବ୍ରହ୍ମଗିରି, ୨୦।୯ :(ମନ୍ଥନ) ଓଡ଼ିଆ ଜନଜୀବନର ଘରେ ଘରେ ପରିଚିତ 'ଓଡ଼ିଆ ଭାଗବତ'ର ରଚୟିତା ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ତାଙ୍କ ଜନ୍ମ ପୀଠ ପୁରୀ ନିକଟବର୍ତ୍ତୀ କପିଳେଶ୍ୱରପୁର ଶାସନରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିପୂତ ପରିବେଶ ସୃଷ୍ଟି ହେବା ସହ ମହାନ ସନ୍ଥ କବିଙ୍କ ସ୍ମୃତି ଚାରଣ କରାଯାଇଛି ।କପିଳେନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଐତିହାସିକ ଗ୍ରାମ କପିଳେଶ୍ୱରପୁର ରେ ପବିତ୍ର ରାଧାଷ୍ଟମୀ ତିଥିରେ ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିଲେ। ଜୟନ୍ତୀ ଉତ୍ସବରେ ଗ୍ରାମବାସୀ ଓ ସଂସ୍କୃତି ପ୍ରେମୀମାନେ ଏକତ୍ରିତ ହୋଇ ଶ୍ରୀଜଗନ୍ନାଥ ଦାସଙ୍କ ମନ୍ଦିରରେ ନମସଂକୀର୍ତ୍ତ କରିଛନ୍ତି । ଓଡିଶା ସାହିତ୍ୟ ଏକାଡ଼େମି ପକ୍ଷରୁ ଅତିବଡ଼ି ପୀଠରେ ରାଜ୍ୟ ସ୍ତରୀୟ ସମାରୋହ ଅନୁଷ୍ଠିତ ହେବ । ତାଙ୍କର ଅମର ସୃଷ୍ଟି ଓଡ଼ିଆ ଭାଗବତ ପାରାୟଣ ଓଡ଼ିଆ ମାନଙ୍କ ପାଇଁ ଅନନ୍ୟ




ଉପହାର । ଓଡ଼ିଆ ଭାଷା ଓ ସାହିତ୍ୟକୁ ସ୍ୱଚ୍ଛ, ସରଳ ଓ ସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରାଯାଏ । ତାଙ୍କ ଜନ୍ମମାଟିରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଭକ୍ତମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ।ଏକ ଶୃଙ୍ଖଳିତ ସମାଜ ଓ ସମୃଦ୍ଧ ଓଡିଶା ଗଠନ ପାଇଁ ଦରକାର ଆଧାତ୍ମିକ ଜନଜାଗରଣ, ଯାହା ହଜି ଯାଇଥିବା ଭାଗବତ ଟୁଙ୍ଗି ର ନବନିର୍ମାଣ ରେ ସମ୍ଭବ ବୋଲି ଓଡିଆ ଭାଗବତ ର ପ୍ରଣେତା ଅତିବଡି ଜଗନ୍ନାଥ ଦାସଙ୍କ ଜନ୍ମପୀଠ କପିଳେଶ୍ୱରପୁର ଶାସନରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ରେ ମତପ୍ରକାଶ ପାଇଛି। ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ଟିକାୟତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନିର୍ମଳା ଫତେସିଂହ,କମଳେଶ ମହାରଣା,ମାନସ ମହାପାତ୍ର, ସରପଞ୍ଚ ବବିତା ବରାଳ, ଭାଗବତ ଭାଷ୍ୟକାର ଡକ୍ଟର ବଦ୍ରି ମିଶ୍ର, ଟ୍ରଷ୍ଟ ଅଧକ୍ଷ ସୁରେନ୍ଦ୍ର ଦାଶ,ଗୋଲାପ ସ୍ୱାଇଁ, ବିନୋଦିନୀ ତ୍ରିପାଠୀ ଓ ଦ୍ୱାରିକାନାଥ ବିଶ୍ୱାଳପ୍ରମୁଖ ଅତିଥି ଭାବେ ଯୋଗଦେଇ ଅତିବଡି ଜଗନ୍ନାଥ ଦାସ, ଓଡ଼ିଆ ଭାଗବତ ଓ ଆଧାତ୍ମିକ ଧର୍ମଧାରା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ କୁ ଚିନ୍ମୟ ମିଶ୍ର,ବିପିନ ଦଳାଇ ଓ ପ୍ରଶାନ୍ତ ତ୍ରିପାଠୀ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଡକ୍ଟର ବଦ୍ରି ମିଶ୍ର ଓ ଅତିବଡି ଜଗନ୍ନାଥ ଦାସ ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀମାନେ ଭାଗବତ ପାଠ କରିଥିଲେ ।

# ଜଗନ୍ନାଥପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ

ମାହାଙ୍ଗା ,୨୦।୯ :(ମନ୍ଥନ)ମାହାଙ୍ଗା ବ୍ଲକ କୁଣ୍ଡି ପଂଚାୟତ ଅର୍ନ୍ତଗତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀକାଳୀନ ରୋଗୀସେବା ପାଇଁ ଆମ୍ବୁଲାନ୍ସ ସେବାକୁ ଡାକ୍ତର ପ୍ରମୋଦ କୁମାର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଆମ୍ବୁଲାନ୍ସ ଯୋଗାଣ ପାଇଁ ଦୀର୍ଘଦିନ ଧରି ଜନସାଧାରଣଙ୍କ ପକ୍ଷରୁ ସରକାର ନିକଟରେ ଦାବି କରାଯାଇଥିଲା। ଏପରିକି ସ୍ଥାନୀୟ ଅଂଚଳର ସ୍ୱେଚ୍ଛାସେବୀ ସଂଗଠନ ଡଃ ଏପିଜେ ଅବଦୁଲ କାଲାମ କ୍ଲବ ପକ୍ଷରୁ ୧୦୮ ଆମ୍ବୁଲାନ୍ସ ଯୋଗାଣ ନିମନ୍ତେ ଭୁବନେଶ୍ୱରର ସ୍ଥିତ ଏମ୍‌ରି ଗ୍ରୀନ୍ ହେଲ୍‌ଥ ସର୍ଭିସ୍ କାର୍ଯ୍ୟାଳୟରେ ଦାବି କରାଯାଇଥିଲା। ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମୋଦ କୁମାର ସାହୁ ଆନୁଷ୍ଠାନିକ ଭାବେ ଆମ୍ବୁଲାନ୍ସ ସେବାକୁ ଉଦ୍‌ଘାଟନ କରିବା ସହିତ ଏହା ଦ୍ୱାରା ଜନସାଧାରଣ ଉପକୃତ ହୋଇପାରିବେ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଶିଶୁ ବିଭାଗର ଡାକ୍ତର ସ୍ୱାତି ବଳବନ୍ତରାୟ, ସ୍ଥାନୀୟ ସରପଂଚ ବିଜୟାନନ୍ଦ ସ୍ୱାଇଁ , ସତ୍ୟଜିତ୍ କିଶୋର ଦାସ, ସେକ୍ ବାଦଲ, ସେକ୍ ବାବୁ, ସେକ୍ ସମିଉଲ୍‌ଆଲମିନ୍, ମିର୍ଜା ସଲାଉଦ୍ଦିନ ବେଗ୍, ମହମ୍ମଦ ମୁସ୍ତାକିମ୍, ସେକ୍ ହଲିମ, ସେକ୍ ଫରିଦ୍, ରେଣୁ ଭୋଇ, ସେକ୍ ଫୟାଜ୍, ସେକ୍ ସୁଲ୍‌ତାନା, ସେକ୍ ମୁନାଜିର୍, ଅକ୍ଷୟ କୁମାର ପତି, ଶୁଭ୍ରଜିତ୍ ସାମଲଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ଜନସାଧାରଣ ଉପସ୍ଥିତି ରହିଥିଲେ।

# ଚଣ୍ଡିପଦର ଗୁଟକା କାରଖାନା ଉପରେ ଚଢ଼ାଉ; ୩ଟି ଗୁଟକା ମେସିନ୍ ସହ ବିଭିନ୍ନ ନକଲି ପୁଡିଆ ଜବତ

କୁକୁଡାଖଣ୍ଡି, ୧୯/୯: ନିମଖଣ୍ଡି ଥାନା ଅନ୍ତର୍ଗତ ଚଣ୍ଡିପଦର ମୁଖ୍ୟରାସ୍ତା ପାର୍ଶ୍ୱରେ ଦୀର୍ଘଦିନ ଧରି ଚାଲିଥିବା ଏକ ବେଆଇନ୍ ଗୁଟକା କାରଖାନା ଉପରେ ଶୁକ୍ରବାର ସନ୍ଧ୍ୟାରେ ଭାରତ ସରକାର ବସ୍ତୁ ଏବଂ ସେବା କର ସୂଚନା ମହାନିର୍ଦ୍ଦେଶାଳୟ ଭୁବନେଶ୍ୱର ଆଞ୍ଚଳିକ ୟୁନିଟ୍ ଓ ନିମଖଣ୍ଡି ଥାନା ପୁଲିସ ପକ୍ଷରୁ ଚଢଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ୩ଟି ଗୁଟକା ମେସିନ୍ ସହ ଗୋକୁଳ ଡିଲକ୍ସ ମିକ୍ସ ଓ ହରଡାଖଣ୍ଡି ପୁଡିଆ ସାମଗ୍ରୀ ଜବତ କରାଯାଇଥିବା ବେଳେ ଜି. ଜଗନ୍ନାଥପୁର ଗ୍ରାମର ଗୁଟକା କମ୍ପାନୀ ମାଲିକ ସିଏଚ୍ ଶିଶିର ପାତ୍ର ଫେରାର ଥିବା ସୂଚନା ମିଳିଛି । ବର୍ତ୍ତମାନ ନିମଖଣ୍ଡି ଥାନା ପୁଲିସ ଫେରାର ଶିଶିରକୁ ଗିରଫ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ପୁଲିସ୍ ସୂତ୍ରରୁ ସୂଚନା ମିଳିଛି ।

# ଯୁବତୀଙ୍କୁ ଅସଦାଚରଣ କରି ଅଭିଯୁକ୍ତ ଗିରଫ

ବଳଙ୍ଗା,୨୦।୯ :(ମନ୍ଥନ) ଗତକାଲି ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ଯୁବତୀକୁ ଅସଦାଚରଣ କରାଯାଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ଏହି ଥାନା ଅନ୍ତର୍ଗତ ସରସ୍ୱତୀ ପୁର ଗ୍ରାମର କାହ୍ନୁ ଚରଣ ନାୟକ ବୋଲି ଜଣା ପଡିଛି। ସୂଚନା ମୁତାବକ ଯୁବତୀ ଜଣଙ୍କ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଯୁବତୀ ଜଣଙ୍କ ସାକ୍ଷୀଗୋପାଳ ଠାରେ ଥିବା ଏକ ବେସରକାରୀ ମେଡିକାଲରେ କାମ କରି ଥାଆନ୍ତି। ସବୁଦିନ ଭଳି ଯୁବତୀ ଜଣଙ୍କ ଗତକାଲି ରାତି ୯ଟାରେ ଘରକୁ ଫେରୁଥିବା ବେଳେ ସରସ୍ୱତୀପୁର ଛକ ମୁଣ୍ଡରେ ଥିବା ଅଭିଯୁକ୍ତ କାହ୍ନୁ ଯୁବତୀଙ୍କୁ ପିଛା କରି ଆସିବାରୁ ଯୁବତୀ ଜଣଙ୍କ ତାଙ୍କ ଘର ଭିତରକୁ ପଶି ଯାଇଥିଲେ। କାହ୍ନୁ ଯୁବତୀଙ୍କ ଘର ଭିତରେ ପଶି ଜୋର ଜବରଦସ୍ତି ପଛପଟୁ ଧରି ଅସଦାଚରଣ କରିଥିଲା। ପାଟି ଶୁଣି ଘରେ ଥିବା ଯୁବତୀଙ୍କ ସାନ ଭଉଣୀ ଆସି ପ୍ରତିବାଦ କରିବା ସହ ବାପାଙ୍କୁ ଫୋନ ଯୋଗେ ଡକାଇ ଥିଲେ। ଯୁବତୀଙ୍କ ବାପା ଘରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ପାଇଁ ଚେଷ୍ଟା କରିବାରେ ଅଭିଯୁକ୍ତ ହାତରେ ଧରିଥିବା ଏକ ଚାବି ଦ୍ୱାରା ତାଙ୍କ ମୁହଁକୁ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। କିଛି ସମୟ ପରେ ଅଭିଯୁକ୍ତ ତାର ସାନ ଭାଇ ଓ ପୁଅଙ୍କ ସହ ଆସି ଯୁବତୀଙ୍କ ଘର ଆଗରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଧମକ ଦେଇ ଚାଲି ଯାଇଥିଲା ବୋଲି ଯୁବତୀ ଜଣକ ଆଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିଲା।

# ଆନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ପାଳିତ

ଗୋପ,୨୦।୯ :(ମନ୍ଥନ) ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ଅବସରରେ ଚନ୍ଦ୍ରଭାଗାରେ ସ୍ୱଚ୍ଛ ସାଗର ଓ ସୁରକ୍ଷିତ ସାଗର ବାର୍ତ୍ତାରେ ଏକ ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ପୁରିଜିଲ୍ଲା ଶିକ୍ଷା ବିଭାଗ,ଜାତୀୟ ସବୁଜ ବାହିନୀ, ସ୍କାଉଟ ଆଣ୍ଡ ଗାଇଡ଼ ଓଜୁନିଅର ରେଡ଼କ୍ରସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନି ପରିଡା ଯୋଗ ଦେଇ ଆମ ବେଳାଭୂମିର ସୁରକ୍ଷା ଓ ସଂରକ୍ଷଣ ଆମ କର୍ତବ୍ୟ ବୋଲି ମତ ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷାବିତ ତଥା ଦଶବାଟିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ଜାତୀୟ ସବୁଜ ବାହିନୀର ସଂଯୋଜକ ପ୍ରଧାନ ଶିକ୍ଷକ ରାମକୃଷ୍ଣ ମହାନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ପରିବେଶ ଯନ୍ତ୍ରୀ ବିଜୟ କୁମାର ସେଠୀ, ସହକାରୀ ପରିବେଶ ବିଜ୍ଞାନୀ ସ୍ମୃତି ରଞ୍ଜନ ପ୍ରଧାନ, ସ୍ୱପ୍ନତିଶ୍ରି ସାମଲ, କାର୍ତ୍ତିକ ବେହେରା,ଅମୃତ ତ୍ରିପାଠୀ, କ୍ଷେତ୍ର ପର୍ଯ୍ୟବେକ୍ଷକ ପିନାକୀ ପ୍ରସାଦ ନାୟକ, ବରିଷ୍ଠ ଶିକ୍ଷକ ଜୟନ୍ତ କୁମାର ରାୟ,ପ୍ରଦୀପ କୁମାର ପ୍ରଧାନ, ବଳରାମ ଦାସ ଓ ସମାଜସେବୀ ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ ଦିନକୁ ଦିନ ସମୁଦ୍ର ବେଳାଭୂମି ପ୍ରଦୂଷିତ ହେବାରେ ଲାଗିଛି ଆମ ବେଳାଭୂମିକୁ




ସ୍ୱଚ୍ଛ ରଖିଲେ ପରିବେଶ ସୁସ୍ଥ ରହିବ ବୋଲି ମତବ୍ୟକ୍ତ କରିଥିଲେ। ସାମୁଦ୍ରିକ ଜୀବନ ଉପରେ ପ୍ଲାଷ୍ଟିକ କ୍ଷତିକାରକ କରୁଛି। ସୁସ୍ଥ ଜୀବନ ଧାରଣ ପାଇଁ ସ୍ୱଚ୍ଛ ଓ ସୁସ୍ଥ ସମୁଦ୍ର ଏକାନ୍ତ ଅପରିହାର୍ଯ୍ୟ । ବେଳାଭୂମି ସ୍ୱଚ୍ଛତା ରଖିଲେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କ ଏଠାକୁ ଆଗମନ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜବାହର ନବୋଦୟ ବିଦ୍ୟାଳୟ,କୋଣାର୍କ ଉଚ୍ଚ ବିଦ୍ୟାଳୟ,ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ, ଭେଙ୍କଟେଶ୍ୱର ସ୍କୁଲ, ଆର୍ତ୍ତତ୍ରାଣ କାର୍ତିକେଶ୍ୱର ବିଦ୍ୟାପୀଠ, ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ, କୋଣାର୍କ ବାଳିକା ଉଚ୍ଚ ବିଦ୍ୟାଳୟ, ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଦଶବାଟିଆ ଉଚ୍ଚ ବିଦ୍ୟାଳୟ, କୋଟିଲେଶ୍ୱର୍ ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମିଲ ହୋଇ ଚନ୍ଦ୍ରଭାଗା ବେଳାଭୂମିକୁ ସଫେଇ କରିଥିଲେ । ଏହି ପରିପ୍ରେକ୍ଷୀରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଛାତ୍ରୀ ମାନଙ୍କୁ ନେଇ ପରିବେଶ ସଂରକ୍ଷଣ ବିଷୟରେ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଚେକ ମାଧ୍ୟମରେ ଅର୍ଥ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ରାମକୃଷ୍ଣ ମହାନ୍ତି ସଂଯୋଜନା କରିଥିଲେ ।

# ଜଙ୍ଗଲରୁ ମୋରମ ଓ ପଥର ଚାଲାଣ ବେଳେ ବନବିଭାଗ ଚଢାଉ

ଖଣ୍ଡପଡା, ୨୦।୯ :(ମନ୍ଥନ) ଖଣ୍ଡପଡା ବ୍ଲକ ଅଧୀନ ରାଣୀପଡା ପଞ୍ଚାୟତ ନିକଟରେ ଥିବା ବାରବାଙ୍କ ରିଜର୍ଭ ଫରେଷ୍ଟର ବଳିଆ ବନ୍ଧ ପାହାଡରୁ ଚୋରା ମୋରମ ଓ ପଥର ଚାଲାଣ ନେଇ ସ୍ଥାନୀୟ ବାସିନ୍ଦା ଖବର ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ମାଫିଆ ପଥରଗୁଡିକୁ ଜେସିବି ସାହାଯ୍ୟରେ ଟ୍ରାକ୍ଟର ଯୋଗେ ଲୋଡ କରି ଚାଲାଣ କରୁଥିଲେ। ତେବେ ଉକ୍ତ ଅଞ୍ଚଳ ନୟାଗଡ ବନାଞ୍ଚଳର ଖେଡପଡା ସେକ୍ସନ ଅଧୀନ ଯୋଗିଆପଲ୍ଲୀ ବିଟ ଅଧୀନରେ ଆସୁଥିବାରୁ ସ୍ଥାନୀୟ ଫରେଷ୍ଟର ଓ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ୪ ଘଣ୍ଟା ଧରି ଯାଞ୍ଚ ପରେ ଅପରାହ୍ନରେ ବନବିଭାଗ ଜେସିବିକୁ ଜବତ କରି ନୟାଗଡ ନେଇଥିବା ବେଳେ କିନ୍ତୁ ଟ୍ରାକ୍ଟର ଟିକୁ ଛାଡିଦେଇଥିଲା। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବଳିଆ ବନ୍ଧ ପାହାଡରୁ ବର୍ଷ ବର୍ଷ ଧରି ମୋରମ ଚାଲାଣ ହୋଇଆସୁଥିବା ବେଳେ ସ୍ଥାନୀୟ ବନବିଭାଗ ଆଖିବୁଜିଦେଇଥିଲା। ଆଜି ଏଭଳି ଘଟଣା ସମ୍ପର୍କରେ ଅଭିଯୋଗ ପରେ ବନବିଭାଗ ପଦକ୍ଷେପ ନେବା ବଦଳରେ ମାଫିଆଙ୍କୁ ଛାଡି ଦେଇଛି। ଘଟଣାସ୍ଥଳରେ ଟ୍ରାକ୍ଟର ଏବଂ ଜେସିବି ଉଭୟ ଥିବାବେଳେ କିନ୍ତୁ ଟ୍ରାକ୍ଟର ନିମନ୍ତେ ଚାପ ହେବାରୁ ଛାଡି ଦିଆଯାଇଥିବା ନେଇ ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏପରିକି ସ୍ଥାନୀୟ ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ଫୋନ ପାଇ ବିଭାଗ ଏଭଳି କରିଥିବା ଚର୍ଚ୍ଚା ହେଉଛି। ପରେ ସ୍ଥାନୀୟ ଫରେଷ୍ଟର ସ୍ମୃତିପ୍ରଜ୍ଞା ଷଡଙ୍ଗୀ, ଫରେଷ୍ଟ ଗାର୍ଡ ବିଜୟ ସାହୁ ସମ୍ପୃକ୍ତ ଜେସିବି ଅପରେଟର ସଞ୍ଜୟ ମହାନ୍ତିଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ସମ୍ପୂର୍ଣ୍ଣ ଘଟଣାକ୍ରମରେ ସ୍ଥାନୀୟ ଫରେଷ୍ଟର ଓ ଗାର୍ଡଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଆଜି ଘଟଣା ବାବଦରେ ନୟାଗଡ ଡିଏଫଓଙ୍କୁ ଅଭିଯୋଗ ହେବା ପରେ ଏଭଳି ଘଟଣା ବାବଦରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଆସିଥିଲା। ମାତ୍ର ଦୁଇ ବନ କର୍ମଚାରୀ ନୟାଗଡ ରେଞ୍ଜର ଦାୟିତ୍ୱରେ ଥିବା ନରେନ୍ଦ୍ର ଗମାଙ୍ଗୋ ଆସିବା ପୂର୍ବରୁ ଘଟଣାସ୍ଥଳରୁ ଟ୍ରାକ୍ଟରକୁ ଛାଡି ଦେଇଥିଲେ। ଏ ନେଇ ଫରେଷ୍ଟର ସ୍ମୃତିପ୍ରଜ୍ଞା ଷଡଙ୍ଗୀଙ୍କ ମତାମତ ନେବାରେ ସେ ପହଞ୍ଚିବା ପୂର୍ବରୁ ଟ୍ରାକ୍ଟର ଗାଡିକୁ ଗାର୍ଡ ବିଜୟ ସାହୁ ଧରିଥିବା ସଫେଇ ଦେଇଛନ୍ତି।

# ଓଡିଶା ଆଦର୍ଶ ବିଦ୍ୟାଳୟ, ଗୋବିନ୍ଦପୁର ର ପ୍ରତିଷ୍ଠା ଦିବସ ଅନୁଷ୍ଠିତ


ପିପିଲି,୨୦।୯ :(ମନ୍ଥନ)ପିପିଲି ବ୍ଲକ ଅନ୍ତର୍ଗତ ଓଡିଶା ଆଦର୍ଶ ବିଦ୍ୟାଳୟ ଗୋବିନ୍ଦପୁର ର ପ୍ରତିଷ୍ଠା ଦିବସ 'ସ୍ୱାର୍କ ୨୦୨୬' ଧୁମ ଧାମରେ ଅନୁଷ୍ଠିତ ହୋଇ ଯାଇଅଛି ।ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ବିଭୁତି ଭୂଷଣ ମଣ୍ଡଳ ଙ୍କ ପୌରୋହିତ୍ୟରେ ହୋଇଥିବା ସଭାରେ ପିପିଲି ବ୍ଲକ ବିଡ଼ିଓ ସରୋଜ କୁମାର ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ଏବଂଉତ୍କଳ ସାମ୍ବାଦିକ ସଂଘ ର ରାଜ୍ୟ କାର୍ଯ୍ୟକାରୀ ସଭାପତି,ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଭଲ ତଥା ସତ ଚରିତ୍ର ସମ୍ପନ୍ନ




ମଣିଷ ହେବା ସହିତ ବଡ ମଣିଷ ହେବା ନିମନ୍ତେ ଅଧୟନରେ ମନ ନିବେଶ ପାଇ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ସଭା ମଞ୍ଚରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସଭା ପୂର୍ବରୁ ଏବଂ ପରେ ପିଲାମାନଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ, ଦଣ୍ଡ, ପାଇକ ନୃତ୍ୟ ଆଦି ଅନେକ ଆକର୍ଷଣୀୟ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା । ଶେଷରେ ଅଧାପିକା ଦୀପଶିଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଅଧକ୍ଷ ଙ୍କ ସମେତ ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀ ମିଳିତ ଭାବେ ପରିଚାଳନା କରିଥିଲେ ।

# ହଜରତ୍ ମୁଜାହିଦ-ଏ-ମିଲ୍ଲତଙ୍କ ୪୭ ତମ ଉର୍ସ ଉତ୍ସବ ପାଳନ ନିମନ୍ତେ ଦିତୀୟ ପ୍ରସ୍ତୁତି ବୈଠକ

ଧାମନଗର, ୨୦।୯ :(ମନ୍ଥନ)ଧାମନଗର ଠାରେ ଭାରତ ପ୍ରସିଦ୍ଧ ଧର୍ମପୀଠ ଖାନକା ସରିଫ ପୀରବାବା ହଜରତ ମୁଜାହିଦ–ଏ–ମିଲ୍ଲତଙ୍କ ୪୭ତମ ଉର୍ସ ଉତ୍ସବ ଆସନ୍ତା ଅକ୍ଟୋବର ମାସ ୧୭ ଓ ୧୮ ଦୁଇ ଦିନ ଧରି ପାଳନ ହେବାକୁ ଯାଉଛି। ଯେତେ ଉର୍ସ ପାଖେଇ ଆସୁଛି ସେତେ ଉତ୍ସାହ ମାହଲ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଡାକ ବାଜିଯନ୍ତ୍ର ମାଧ୍ୟମରେ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଡାକି ଶୁକ୍ରବାର ରାତିରେ ଧାମନଗର ଖାନଙ୍କା ସରିଫ ପରିସରରେ ପୀରବାବାଙ୍କ ସାନ ନାତି ତଥା ଖାନଙ୍କା ହବିବିୟା ଟ୍ରଷ୍ଟ ଓ ପରିଚାଳନା କମିଟିର ସଭାପତି ମୌଲାନା ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ-ମିଲ୍ଲତ)ଙ୍କ



ଅଧ୍ୟକ୍ଷତାରେ ଦିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟକ ଲୋକ ମାନେ ଯୋଗ ଦେଇଥିବା ବେଳେ ଉପସଭାପତି ମୋଲନା ଏମଡି ଅବଦୁଲ ମନ୍ନାନ ହବିବିଙ୍କ ଉପସ୍ଥିତରେ ସମ୍ପାଦକ ମୌଲାନା ମୁକ୍ତାର ଅହେମ୍ମଦ ହବିବି ବକ୍ତବ୍ୟ ରଖିଥିଲେ ଯେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଉର୍ଷ ଉତ୍ସବକୁ ନୂତନ ଟ୍ରଷ୍ଟ ତଥା କମିଟି ତରଫରୁ ସମସ୍ତ କାର୍ଯ୍ୟ ହାତକୁ ନେଇ ଶାନ୍ତି ଶୃଙ୍ଖଳା ସହ କିପରି ପାଳନ ହେବ ଏବଂ ଆଗାମୀ ଦିନରେ ଜିଲ୍ଲା ଓ ବ୍ଲକ ପ୍ରଶାସନିକ ସ୍ତରରେ ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଯିବା ସହ ଲକ୍ଷାଧିକ ଭକ୍ତ ଶ୍ରଦ୍ଧାଳୁ ମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ତାଙ୍କର ରହିବା, ଗାଡ଼ି ପାର୍କିଂ ଓ ସମସ୍ତ ସୁବିଧା ସୁଯୋଗ ନିମନ୍ତେ ବ୍ୟାପକ ଆଲୋଚନା କରାଯାଇଥିଲା ।ଉପଦେଷ୍ଟା ତଥା ସମାଜସେବୀ ଏମଡି ଫଜଲେ ବାରି ହବିବି,ମୀର ମୋହିଉଦ୍ଦିନ,ଏମଡି ହବିବୁର ରହେମାନ,ଏମଡି ଜୟନୁଲ ଆବେଦିନ,ସେକ ନେଜାମୁଦ୍ଦିନ,ସେକ ଇବ୍ରାହିମ ସେକ ଅଲ୍ଲୀ ମହମ୍ମଦ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଟ୍ରଷ୍ଟର କୋଷାଧକ୍ଷ ଏମଡି ଇସଲାମୁଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ

କୋଦଳା, ୨୦।୯ :(ମନ୍ଥନ) ଶନିବାର କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସର ରେ ଶିକ୍ଷା ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅଧକ୍ଷ ରଘୁନାଥ ମୁଦୁଲି ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଛାତ୍ରଛକ୍ଷତ୍ରୀମାନଙ୍କୁ ସହନଶୀଳ, ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା ହେବାକୁ ଉପଦେଶ ଦେଇଥିଲେ । ଛାତ୍ରୀ ଶିବାନୀ ପ୍ରଧାନ, ଶିବାନୀ ବିଶ୍ୱାଳ ଓ ସଙ୍ଗୀତା ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛକ୍ଷତ୍ରୀ ରାଜଲକ୍ଷ୍ମୀ ମହାନ୍ତି,ବର୍ଷା ବେହେରା,ପ୍ରାଚୀ ରଥ,ପ୍ରିୟଦର୍ଶିନୀ ପାଣିଗ୍ରାହୀ,ପୂଜା ବାରିକ ଆଦି ନବାଗତ ଛାତ୍ରଛକ୍ଷତ୍ରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ଶିକ୍ଷାବିଭାଗ ମୁଖ୍ୟ ଅଧାପକ ଡ଼. ପ୍ରଦୀପ କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ରେ ରହିବା ସହିତ ଉତ୍ତମ ଅଧୟନ କରିବାକୁ କହିଥିଲେ ।ଅଧାପିକା ସାଗରିକା ଦାଶ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା,ଅନୁଷ୍ଠାନର ନୀତିନିୟମ ମାନିବା ଏବଂ ପରମ୍ପରା ବଜାୟ ରଖିବାକୁ ଉପଦେଶ ଦେଇଥିଲେ। ପରିଶେଷରେ ପୂଜା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରିବାରିକ ବିବାଦକୁ କେନ୍ଦ୍ରକରି ଯୁବକଙ୍କୁ ଛୁରା ମାଡ

ବଳଙ୍ଗା,୨୦।୯ :(ମନ୍ଥନ)ପରିବାରିକ ବିବାଦକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ରମା ବଜାରରେ ଭୁତପଦା ଗ୍ରାମର ପ୍ରକାଶ ମୁଦୁଲିଙ୍କୁ ଛୁରା ମାଡ ହୋଇଛି। ଆକ୍ରମଣରେ ପ୍ରକାଶଙ୍କ କାନ ମୁଣ୍ଡା, ଛାତି ଓ ପିଠିରେ ଗଭୀର କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହେବାରୁ ସେ ଘଟଣା ସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ । ଖବର ପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ପୋଲିସ ଭ୍ୟାନ ଯୋଗେ ସାକ୍ଷୀଗୋପାଳ ମେଡ଼ିକାଲକୁ ନେଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଉତ୍ତମ ଚିକିତ୍ସା ନିମନ୍ତେ ପରିବାର ଲୋକେ ପ୍ରକାଶଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଅନ୍ୟ ପଟେ ଆକ୍ରମଣ କାରୀ ସେହି ଗ୍ରାମର ଅଜୟ ମୁଦୁଲି ଫେରାର ହେବା ସମୟରେ ପୋଲିସ ତାକୁ ବଳଙ୍ଗା କଲେଜ ଛକ ନିକଟରେ କାବୁ କରିବା ସହ ଆକ୍ରମଣରେ ବ୍ୟବହାର କରୁଥିବା ଛୁରୀ ସହ ସ୍କୁଟିକୁ ଜବତ କରିଛି। ପରେ ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଘଟଣା ସ୍ଥଳରେ ପଡ଼ିଥିବା ରକ୍ତ ନମୁନାକୁ ସଂଗ୍ରହ କରିଛନ୍ତି। ଏନେଇ ପ୍ରକାଶଙ୍କ ବାପା ଦୁଃଶାସନ ମୁଦୁଲିଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ଅଜୟ ଓ ପ୍ରକାଶଙ୍କ ପରିବାର ମଧ୍ୟରେ ବିବାଦ ଲାଗିରହି ଥିବାବେଳେ। ଅଜୟ ଆଜି ପ୍ରକାଶଙ୍କ ପତ୍ନୀ ସ୍ନେହଲତା ମୁଦୁଲିଙ୍କୁ ଦେଖାଶିଖା କରି ଗାଳି ଗୁଲଜ କରିବା ନେଇ ସ୍ନେହଲତା ଆଜି ସକାଳେ ଥାନାରେ ଅଭିଯୋଗ କରିଥିଲେ। ପରେ ପ୍ରକାଶ ପୂର୍ବାହ୍ନ ସାଢେ ୧୦ଟାରେ ରମା ବଜାରକୁ ମାଛ ପାଇଁ ବାଇକ୍ ଯୋଗେ ଯାଇଥିଲା ବେଳେ ଅଜୟ ପୂର୍ବ ପ୍ରସ୍ତୁତି ଅନୁଯାୟୀ ପ୍ରକାଶଙ୍କ ପଛପଟୁ ଆସି ହଠାତ୍ ଆକ୍ରମଣ କରି ସ୍କୁଟି ଯୋଗେ ଫେରାର ହୋଇଯାଇଥିଲା । ଆକ୍ରମଣ ପଛରେ ଅଜୟଙ୍କ ପତ୍ନୀ, ଶାଶୁ ଓ ଶଳା ସମ୍ପୃକ୍ତ ଥିବା ନେଇ ଦୁଃଶାସନ ଅଭିଯୋଗରେ ଦର୍ଶାଇ ଛନ୍ତି।

# ଇଂ ଅକ୍ଷୟ କୁମାର ସାମଲ ପାଇଲେ ଚଳିତ ବର୍ଷର ବାଇମୁଣ୍ଡି ପୁରସ୍କାର


ମାହାଙ୍ଗା,୨୦।୯ :(ମନ୍ଥନ)ମାହାଙ୍ଗା ଅଂଚଳର ଜଣେ ବିଶିଷ୍ଟ ବ୍ୟକ୍ତିଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଇଂ ଅକ୍ଷୟ କୁମାର ସାମଲ ଯେ କି ହରିୟାଣାର ଗୁଡଗାଁଓ ଅଂଚଳରେ ପ୍ରବାସୀ ଭାରତୀୟ ମାନଙ୍କର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ସହିତ କୋଭିଡ ସମୟରେ ସହଯୋଗର ହାତବଢ଼ାଇ ପ୍ରଶଂସିତ ହୋଇଛନ୍ତି । ସେ କଳିଙ୍ଗ ଭାରତୀ ଫାଉଣ୍ଡେସନ୍‌ର ଜାତୀୟ ଅଧକ୍ଷ ଅଟନ୍ତି। ବିଭିନ୍ନ ସାମାଜିକ ସେବା ପାଇଁ ତାଙ୍କୁ ଚଳିତବର୍ଷ କଟକସ୍ଥିତ ଟାଉନ୍ ହଲରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବାଇମୁଣ୍ଡି ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ଅଭୟ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ। ଓଡ଼ିଶା କଳା,ସଂଗୀତ ଏବଂ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶା କଲଚର୍ ଏକାଡେମୀ ତରଫରୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଇଂ ଅକ୍ଷୟ କୁମାର ସାମଲଙ୍କୁ ବାଇମୁଣ୍ଡି ସମ୍ମାନ ପ୍ରଦାନ କରାଯାଇଥିବାରୁ ମାହାଙ୍ଗା ଅଂଚଳର ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

# ମାହାଙ୍ଗାରେ ବିଦ୍ୟୁତ ବିଲ ପୈଠ ନକରିବାରୁ ବିଦ୍ୟାଳୟ ଗୁଡ଼ିକର କଟିଲା ବିଦ୍ୟୁତ ସଂଯୋଗ

ମାହାଙ୍ଗା,୨୦।୯ :(ମନ୍ଥନ)ମାହାଙ୍ଗା ବ୍ଲକ ଶିକ୍ଷାଅଧିକାରୀ କାର୍ଯ୍ୟାଳୟର ମନମୁଖୀ କାର୍ଯ୍ୟପାଇଁ ଗତ ଶୁକ୍ରବାର ଦିନଠାରୁ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ବିଦ୍ୟୁତ ସଂଯୋଗକୁ ଟିପିସିଓଡିଏଲ୍ ତରଫରୁ କାଟି ଦିଆଯାଇଛି। ଯାହା ଫଳରେ ବର୍ଷାଦିନେ ମଧ୍ୟ ଅତ୍ୟଧିକ ଗୁଳୁଗୁଳି ହୋଇଥିବାରୁ ଛାତ୍ରଛାତ୍ରୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ବିଭିନ୍ନ ବିଦ୍ୟାଳୟରେ ପ୍ରତିମାସରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବିଦ୍ୟୁତବିଲ୍ ପୈଠ କରାଯିବାରେ ଅଣଦେଖା କରାଯାଉଛି। ଏହି ଘଟଣାର ତଦନ୍ତ କରାଯିବା ସହ ଏଥିରେ ସଂପୃକ୍ତଥିବା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର କିରାଣୀଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୁନର୍ବାର ବିଭିନ୍ନ ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ କରିବାକୁ ରାଜ୍ୟସରକାରଙ୍କ ନିକଟରେ ମାହାଙ୍ଗା ଅଟଂଳର ବୁଦ୍ଧିଜୀବି ମହଲରେ ସାଧାରଣରେ ଦାବି ହେଉଛି।

ସୋମବାର ୨୧ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର

Monday September 21 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଯୁଦ୍ଧର ଅନ୍ତ କେବେ

ଚାଲି ରହିଛି, ୟୁକ୍ରେନ-ରୁଷିଆ, ହମାସ-ଇସ୍ରାଇଲ, ଇରାନ-ଇସ୍ରାଇଲ ଏବଂ ଏବେ ହୁତି ବିଦ୍ରୋହୀ-ସାଉଦି ଆରବ ମଧ୍ୟରେ ଯୁଦ୍ଧ । ଆଜି ଦୁନିଆ ଏକ ଅଶାନ୍ତ ଝଡ଼ର ତାଣ୍ଡବରେ ଦୋଦୁଲ୍ୟମାନ ଅବସ୍ଥା ଦେଇ ଗତି କରୁଛି । ମହାଶକ୍ତି ଗୁଡ଼ିକର ଆକ୍ରୋଶ, ଶାନ୍ତି ପ୍ରତିଷ୍ଠା କରିବା ବାହାନାରେ ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ କନ୍ଦଳ ଓ ଗୃହଯୁଦ୍ଧ ଗୁଡ଼ିକରେ ସେମାନଙ୍କର ଅବାଧ ପ୍ରବେଶ, ଆଇ.ଏସ୍.ପରି ତଥାକଥିତ ଜେହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୁଦ୍ଧରେ କରୁଥିବା କୂଟଚକ୍ରାନ୍ତ ଇତ୍ୟାଦି କାର୍ଯ୍ୟକଳାପ ସ୍ପଷ୍ଟ ରୂପେ ଦର୍ଶାଉଛି ଯେ ଆଜି କାଲିର ଘଟଣା ବହୁଳ ସଂକଟଜନକ ପରିସ୍ଥିତି ବିଶ୍ୱ ଜଗତକୁ ପ୍ରଚଣ୍ଡ ଗତିରେ ମୁହାଁଉଥିବା ଭୟାବହ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଠେଲି ଦେଇଛି ।ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ବିଗତ ଅନେକ ବର୍ଷ ହେଲା ଦୁନିଆ ପ୍ରତି ମାଡ଼ି ଆସୁଥିବା ଏହି ସବୁ ବିପଦ ସଂକ୍ରାନ୍ତରେ ପ୍ରତ୍ୟେକ ସାଧାରଣ ଓ ବ୍ୟକ୍ତି ବିଶେଷଙ୍କୁ ସତର୍କ କରାଇ ଆସୁଛନ୍ତି । କୌଣସି ହଟଚମଟ ସୃଷ୍ଟି କରିବା ପାଇଁ ନୁହେଁ, ବରଂ ଏହା ସୂଚାଇ ଦେବା ପାଇଁ ଯେ ଦୁନିଆ ଏହି ଅବସ୍ଥାରେ କିପରି ଆସି ପହଂଚିଲା ଏବଂ ଏବେ ସେହି ଧ୍ୱଂସ ମୁଖରୁ ପୃଥ ?ବୀକୁ କିପରି ରକ୍ଷା କରାଯାଇ ପାରିବ ।ଦୁନିଆରେ ଶାନ୍ତି ଫେରାଇ ଆଣିବାକୁ ହେଲେ ଏକମାତ୍ର ଉପାୟ ହେଉଛି, ନ୍ୟାୟର ପନ୍ଥାକୁ ଆପଣାଇବା ତଥା ଅତି ବିନମ୍ର ଭାବରେ ଓ ଆଜ୍ଞାବହ ହୋଇ ଈଶ୍ୱରଙ୍କ ନିକଟରେ ସମର୍ପିତ ହେବା । ସେହିପରି ସମଗ୍ର ମାନବଜାତି ସହିତ ସହାନୁଭୂତି ପ୍ରଦର୍ଶନ କରିବା, ଦୁର୍ବଳ ଓ ଅସହାୟଙ୍କୁ ସାହାଯ୍ୟ କରିବା, ସେମାନଙ୍କୁ ଆଦର ସମ୍ମାନ ସହିତ ସେମାନଙ୍କ ଦୁଃଖରେ ସମଭାଗୀ ହେବା ସହିତ ଈଶ୍ୱର ଭୟ ରଖି ସତ୍ୟ ଓ ଧର୍ମ ପଥରେ ଚାଲିବା ଏବଂ ନିଷ୍ଠାପର ଭାବନା ନେଇ ନିଜର ପରମ ସ୍ରଷ୍ଟାଙ୍କ ନିକଟରେ ପ୍ରଣିପାତ ହେଲେ ଯାଇ ପ୍ରକୃତ ଶାନ୍ତିକୁ ପାଇ ପାରିବା ।ବର୍ତ୍ତମାନର ସମୟରେ ଅହମଦୀୟା ମୁସଲିମ ସଂପ୍ରଦାୟର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ସାହେ ନିରନ୍ତର ଏହା ପ୍ରୟାସ କରିଚାଲିଛନ୍ତି କି କିପରି ଏ ତୃତୀୟ ମହା ବିଶ୍ୱଯୁଦ୍ଧ ନହେଉ । ସେଥି ପାଇଁ ସେ ସମସ୍ତ ରାଷ୍ଟ୍ର ମୁଖ୍ୟଙ୍କୁ ପତ୍ର ଲେଖି ସୂଚିତ କରାଉଛନ୍ତି । ଇସଲାମିକ ଗଣତନ୍ତ୍ର ରାଷ୍ଟ୍ର ଇରାନର ରାଷ୍ଟ୍ରପତିଙ୍କୁ ପତ୍ର ଲେଖି କହିଛନ୍ତି, ବର୍ତ୍ତମାନ ସବୁ ଆଡ଼ ? ପ୍ରବଳ ଉତେଜନା ଓ ଅଶାନ୍ତି ଦେଖା ଦେଇଛି । କେତେକ ଅଂଚଳରେ ଛୋଟ ଧରଣର ସଂଘର୍ଷର ସୂତ୍ରପାତ ହୋଇଛି ତ ଅନ୍ୟ କେତେକ ଅଂଚଳରେ ବଡ଼ ଧରଣର । ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଶାନ୍ତି ରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପୟୋଗ କରୁଛନ୍ତି ଓ ସେମାନଙ୍କର ଆଭ୍ୟନ୍ତରୀଣ କନ୍ଦଳରେ ଅଯଥା ହସ୍ତକ୍ଷେପ କରୁଛନ୍ତି । ଆଜି ଦୁନିଆର ପ୍ରତ୍ୟେକ ଦେଶ କୌଣସି ଅନ୍ୟ ଦେଶ ପ୍ରତି ଶତ୍ରୁତା ଆଚରଣ କରିବା ପାଇଁ ଅଂଟା ଭିଡ଼ି ବାହାରିଛି ତ ଅନ୍ୟ କୌଣସି ଦେଶକୁ ସମର୍ଥନ କରୁଛି । କିନ୍ତୁ ନ୍ୟାୟ ପ୍ରଦାନ କରିବାର ମୌଳିକ ଆବଶ୍ୟକ ?ତା ପ୍ରତି କୌଣସି ଗୁରୁତ୍ୱ ଦେଉନାହିଁ । ପୃଥ ?ବୀର ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କରି ମୋତେ ଅତି ଦୁଃଖର ସହିତ କହିବାକୁ ପଡୁଛି ଯେ ଅନ୍ୟ ଏକ ଯୁଦ୍ଧର ମୂଳଦୂଆ କେବେ ଠାରୁ ପଡ଼ିସାରିଲାଣି । ଅହମଦୀୟା ମୁସଲିମ ଖଲିଫା ତାଙ୍କ ଏକ ଭାଷଣରେ କହିଛନ୍ତି, ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେ ମାନେ ଭଲ ଭାବରେ ସଚେତନ ଅଛୁ । ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥ ?ବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ । ପୃଥ ?ବୀ ଯେଉଁ ଆଡ଼କୁ ଗତି କରୁଛି, ତହିଁରେ ନିଶ୍ଚିତ ଭାବରେ ଏପରି ଏକ ମହା ଯୁଦ୍ଧ ଲାଗି ଯିବାର ବିପଦ ଦେଖାଦେଇଛି । ଏହାର ଭୟାବହ ପରିଣତିରୁ ରକ୍ଷା ପାଇବା ପାଇଁ ଆମେ ନ୍ୟାୟ, ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍ । ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ଯେଉଁମାନେ ପୃଥ ?ବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ ।ଆମେ ନିଜର ଆଗାମୀ ବଂଶଧରଙ୍କୁ ବିକଳାଙ୍ଗର ଉପହାର ଦେବାର କାରଣ ହେବା ନାହିଁ । ଅହମଦୀୟା ମୁସଲିମ ସଂପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ସାହେବ ଇସ୍ରାଇଲ ପ୍ରଧାନ ମନ୍ତ୍ରୀଙ୍କ ନାମରେ ଲେଖିଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ମୁଁ ସେହି ପ୍ରତିଶ୍ରୁତ ମସିହଙ୍କ ଖଲିଫା ଭାବରେ ଆପଣଙ୍କୁ ସମ୍ବୋଧନ କରି କହୁଛି ଯେ ଦିବ୍ୟ ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଜଣେ ଅନୁରକ୍ତ ଦାସ ରୂପେ ବର୍ତ୍ତମାନ ଯୁଗରେ ସେ ପ୍ରେରିତ ହୋଇଛନ୍ତି । ସୁତରାଂ ପ୍ରଭୁଙ୍କ ବାର୍ତ୍ତା ଆପଣଙ୍କ ନିକଟରେ ପହଂଚାଇ ଦେବା ହେଉଛି ମୋର କର୍ତ୍ତବ୍ୟ । ଯେଉଁମାନେ ପ୍ରଭୁଙ୍କ ବାଣୀକୁ କର୍ଣ୍ଣପାତ କରନ୍ତି, ଆପଣ ସେମାନଙ୍କ ମଧ୍ୟରେ ପରିଗଣିତ ହେବେ ବୋଲି ମୋର ଆଶା । ସେହି ପଥରେ ଯେଉଁମାନେ ପରିଚାଳିତ ହେବାର ସଫଳତା ହାସଲ କରନ୍ତି, ଆପଣ ସେହି ପଥକୁ ଅନୁସରଣ କରନ୍ତୁ । କାରଣ ତାହା ଆକାଶ ଓ ପୃଥ ?ବୀର ଅଧିଶ୍ୱରଙ୍କ ନିର୍ଦ୍ଦେଶିତ ପଥ । ମୋର ଆପଣମାନଙ୍କୁ ଅନୁରୋଧ ଯେ ପୃଥ ?ବୀକୁ ଯୁଦ୍ଧର ତଟଦେଶରେ ପହଂଚାଇବା ପରିବର୍ତ୍ତ ? ମାନବିକତାକୁ ବିଶ୍ୱବ୍ୟାପି ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ଆପଣ ଯଥାସାଧ୍ୟ ଉଦ୍ୟମ କରନ୍ତୁ । ବଳ ପ୍ରୟୋଗ ଦ୍ୱାରା ବିବାଦର ସମାଧାନ କରିବା ପରିବର୍ତ୍ତ ? ଆପୋଷ ଆଲୋଚନା ମାଧ୍ୟମରେ ଉତମ ଭାବ ବିନିବୟ ଦ୍ୱାରା ମିମାଂସା କରିବା ଉଚିତ୍ । ଯଦ୍ୱାରା ଆମେ ଆମ ଆଗାମୀ ବଂଶଧରମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଉପହାର ଦେଇପାରିବା । ଅନ୍ୟଥା ଆମେ ସେମାନଙ୍କୁ ପଙ୍ଗୁ ଓ ବିକଳାଙ୍ଗର ଉପହାର ଦେବା ହିଁ ସାର ହେବ ।ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ ବିଶ୍ୱ ସମାଜକୁ ମହା ବିଶ୍ୱଯୁଦ୍ଧର ଚେତାବନୀ ଦେଇ କୁହନ୍ତି, ହେ ୟୁରୋପ । ତୁ ମଧ୍ୟ ଶାନ୍ତିରେ ନାହୁଁ । ହେ ଏସିଆ ! ତୁ ମଧ୍ୟ ନିରାପଦ ନାହୁଁ । ହେ ଦ୍ୱୀପପୁଞ୍ଜବାସୀ । କୌଣସି କୃତ୍ରିମ ଈଶ୍ୱର ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ମହାନଗରୀ ସବୁ ଟଳି ପଡୁଥିବାର ଦେଖି ପାରୁଛି ଓ ଆବାଦି ବସ୍ତିକୁ ପରିତ୍ୟକ୍ତ ଓ ଅନାବାଦି ଅବସ୍ଥାରେ ଦେଖିବାକୁ ପାଉଛି ଛ୍ଛ ପରମେଶ୍ୱର ବହୁ ସମୟ ଧରି ନିରବ ରହିଲେ ଏବଂ ତାଙ୍କ ସମ୍ମୁଖରେ ବିଭତ୍ସ ଓ ଘୃଣିତ କାର୍ଯ୍ୟ କରାଗଲା, କିନ୍ତୁ ସେ ବାକ୍ ?ସ୍ଫୁର୍ତି କଲେ ନାହିଁ । ବର୍ତ୍ତମାନ ସେ ନିଜର ରୋଷଯୁକ୍ତ ମୁଖମଣ୍ଡଳ ଦେଖାଇଲେ । ଯାହାର କାନ ଅଛି, ସେ ଶୁଣୁ ଯେ ସେ ସମୟ ଏବେ ଆଉ ବେଶୀ ଦୂର ନାହିଁ । ମୁଁ ଯଥା ସାଧ୍ୟ ପ୍ରୟାସ କରିଛି ଯେ ପ୍ରଭୁଙ୍କ ଶାନ୍ତିପ୍ରଦ ଛାୟା ତଳେ ସମସ୍ତଙ୍କୁ ଏକତ୍ରିତ କରିବି । କିନ୍ତୁ ପରମେଶ୍ୱର ପ୍ରକୋପ ସାଧନରେ ମନ୍ଥର ଗତିକୁ ପସନ୍ଦ କରନ୍ତି । ଏଣୁ ଅନୁତାପ କର । ଫଳରେ ତୁମ ପ୍ରତି ଦୟା କରା ଯାଇପାରିବ ।ଯଦି ବିଶ୍ୱବାସୀ ହଜରତ ଅହମଦଙ୍କ ଏହି ଅମୂଲ୍ୟ ବାର୍ତ୍ତାକୁ ବୁଝି ତଦନୁଯାୟୀ କାର୍ଯ୍ୟ ନିର୍ବାହ କରନ୍ତେ ତାହେଲେ ବିଶ୍ୱରେ ଶାନ୍ତି ବିରାଜି ପାରନ୍ତା ଏବଂ ମନୁଷ୍ୟ ଜାତି ଆଉ ଅଧିକ ଦିନ ତିଷ୍ଠି ରହି ପାରନ୍ତା । ପରମତପ ଅଲ୍ଲାଃଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ସେ ସମସ୍ତ ମାନବ ସମାଜକୁ ଏଥିପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବିଶ୍ୱବାସୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ବସ୍ତୁବାଦର ଲାଳସାକୁ ଜଳାଞ୍ଜଳୀ ଦେଇ ନିଜର ଦାୟୀତ୍ୱ ପ୍ରତି ସଚେତନ ରହିବା ସଂଗେ ସଂଗେ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ ପ୍ରୟାସ କରିବେ ।ଆମେ ଭାରତ ବର୍ଷର ନାଗରିକ ହୋଇ ଏହି ଆଶାବ୍ୟକ୍ତ କରୁ କି ଆମ ଦେଶ ଭାରତ ମହାନ ହେଉ । ଶକ୍ତିଶାଳୀ ଓ ବାହୁବଳୀ ଦ୍ୱାରା ବିଜୟ ହାସଲ କରିବା, କେବଳ ମହାନତାର ପରିଚୟ ନୁହେଁ ବରଂ ବିନା ରକ୍ତପାତରେ ମାନବିକତାକୁ ବଂଚାଇ, ହୃଦୟକୁ ଜ ?ୟ କରିବା ହିଁ ପ୍ରକୃତ ବିଜୟ ଓ ମହାନତାର ପରିଚୟ ହୋଇଥାଏ । ପରମବ୍ରହ୍ମ ଆମ ସମସ୍ତଙ୍କୁ ବିଶ୍ୱଯୁଦ୍ଧ ଜନିତ ଧ୍ୱଂସର ବିଭୀଷିକାର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ ।

# ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଉନ୍ନତିର ଗତି ଓ ପ୍ରଗତି

**ହଳଧର ଧୀର**

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସଙ୍ଗଠନର ସମୃଦ୍ଧି ଓ ପ୍ରଚାର ପ୍ରସାର କଥାଟି ର ସ୍ୱର ଅତ୍ୟନ୍ତ ମଧୁର ଶୁଭୁଥାଏ । ବନ୍ଦେ ଉତ୍କଳ ଜନନୀର ବାସ୍ତବତାକୁ ଆମ୍ଭେମାନେ ଅନୁଭବ କରିଥାଉ । ଏହାର ସ୍ଥିତିକୁ ବଜାୟ ରଖିବା ଲାଗି କେତେ ମହାମନିଷି ଓ ଏହାର ସୃଷ୍ଟିକର୍ତ୍ତାଙ୍କର ଦାୟଦମାନଙ୍କର ନିରବିଛିନ୍ନ ସଂଘର୍ଷ ଉଦ୍ୟମ ଫଳରେ ଆଜି ଏହାର ସ୍ଥିତି ସୁଦୃଢ଼ ହୋଇ ପାରିଛି । ମା, ମାଟିର, ମାତୃଭୂମିର ସମ୍ମାନ ବୃଦ୍ଧି ହୋଇ ପାରିଛି । ମା ଓ ମାଟିର ସମ୍ମାନ ଓ ସୁରକ୍ଷା କଥା ଆମ୍ଭେମାନେ ଚିନ୍ତା କରି ପାରୁଛେ । ଏହା ସତ୍ୟ ଯେ ଜଗତର ନାଥ ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବାସ୍ତବ ଚିତ୍ର ଆଙ୍କିବା ଅସମ୍ଭବ । ପବିତ୍ର ପତିତପାବନ ବାନା ସମଗ୍ର ବିଶ୍ୱକୁ ମାନବ ବୋଧତାର ଚିରନ୍ତନ ଭାଷା ଶୁଣାଇ ଆସୁଛି । ଭାଷା ଯେକୌଣସି ଜାତିର ସାହିତ୍ୟ ଓ ସଂସ୍କୃତିର ରକ୍ଷକ । ଭାଷାର ଉନ୍ନତି ବିନା ଆମ ଜାତିର ଦେଶର ଉନ୍ନତି କଥା ଚିନ୍ତା କରିବା ଅସମ୍ଭବ । ଆଜିର ସଙ୍କଟମୟ ସମୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଦିଗରେ ସାହିତ୍ୟମାନଙ୍କର ଗୁରୁ ଦାୟିତ୍ୱ ରହିଛି । ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଆ ଅସ୍ମିତାର କଥା ଚିନ୍ତା କରାଯାଇପାରେନା । ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସାଧାରଣ ଜନତା ଓ ସାହିତ୍ୟିକ ମାନଙ୍କ ମଧ୍ୟରେ ସାରସ୍ୱତ ସମ୍ପର୍କର ସେତୁ ସ୍ଥାପନ ନହୋଇ ପାରିଲେ ଓଡ଼ିଆ ଅସ୍ମିତାର ସ୍ଥିତି ବଜାୟ ରହିପାରିବତ ? କାହିଁ କେଉଁ କାଳରୁ ଆମ ଓଡ଼ିଆ ଭାଷାକୁ ଧ୍ୱଂସ କରିବାକୁ ମୋଗଲ ଶକ୍ତିଠାରୁ ଆରମ୍ଭ କରି ପାଶ୍ଚାତ୍ୟ ଶକ୍ତି ପର୍ଯ୍ୟନ୍ତ ଆକ୍ରାମକ ହୋଇ ମଧ୍ୟ ଆମ ଓଡ଼ିଆ ଭାଷାର ବିଲୋପ ଘଟାଇ ପାରିନାହାନ୍ତି କି ଏହାକୁ ଖଣ୍ଡିତ କରି ପାରିନାହାନ୍ତି ।

ହଁ ଏହା ସତ୍ୟଯେ ଆମ୍ଭ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ ଯେ ଆଧୁନିକ ତାର ନଗ୍ନ ପ୍ରଭାବ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବିସ୍ତାର କରିବାକୁ ବସିଲାଣି । ସତରେ କ'ଣ ଭାଷାର ସୁରକ୍ଷା ଲାଗି ସଂଗ୍ରାମ କରି ଆସିଥିବା ପୂର୍ବସୂରୀମାନଙ୍କର ଆଦର୍ଶ ଓ ଆଶିର୍ବାଦ ପୁଣି ଓଡ଼ିଆ ଅସ୍ମିତାର ସୁରକ୍ଷା ଲାଗି ଭାଷା ଆନ୍ଦୋଳନ କଡ଼ ଲେଉଟାଇବ ? ଆଜି ଯେତେବେଳେ ଓଡ଼ିଆ ଭାଷାର ଅନ୍ତଃସ୍ୱରକୁ ଆମ୍ଭେମାନେ ଅଣଦେଖା କରିଆସୁଛେ । ଓଡ଼ିଆ ଅସ୍ମିତାର ସ୍ଥିତି ଓ ପ୍ରଗତୀ ପ୍ରତି ଆମ୍ଭମାନଙ୍କର ଚିନ୍ତା ଓ ଚେତନା ଲୋପ ପାଇଯାଉଛି । ସେପରି ସ୍ଥିତିରେ ଓଡ଼ିଆ ଭାଷା, ଓଡ଼ିଆ ଅସ୍ମିତାର ସ୍ଥିତି ବଜାୟ ରହିପାରିବତ ? ସରକାର ଓଡ଼ିଆ ଅସ୍ମିତାର କଥା କହି ଆଜି କ୍ଷମତାରେ । ସରକାର କ୍ଷମତାକୁ ଆସିବା ପରେ ସତରେ କଣ ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ସ୍ଥିତି ମଜଭୂତ ହୋଇ ପାରିଛି ? ଏହାର ଉତ୍ତର କେବଳ ଓଡ଼ିଶାବାସୀଙ୍କ ନିକଟରେ । ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ସଂଗଠନ ଓଡ଼ିଆ ଅସ୍ମିତାର ଅଂଶ ବିଶେଷ । ଆଜି କଳା, ସାହିତ୍ୟ, ସଂସ୍କୃତି ଓ ସଂଗଠନ ଗୁଡ଼ିକର ଉନ୍ନତି ଘଟି ପାରିଛି କି ?

ଥରେ ସରକାର ହୁଅନ୍ତୁ, କି ସାରସ୍ୱତ ସ୍ରଷ୍ଟା ଅହଂକାର ବଶବର୍ତ୍ତୀ ହୋଇଗଲେ ଆଉ ପଛକୁ ଫେରିପାରେ ନାହିଁ । ସତରେ କଣ କାଳିଆ ଲେଉଟିବ, ମା, ମାଟି, ମାତୃଭୂମିର ସୁରକ୍ଷା ହୋଇପାରିବ ?

ଆଜି ଓଡ଼ିଆ ଅସ୍ମିତା ସରକାରୀ କଳ ଆଉ ତୋଷାମଦିଆ ସାହିତ୍ୟିକମାନଙ୍କ କବଳରେ କବଳିତ ସତରେ ଏପରିସ୍ଥିତିରେ କଣ ଓଡ଼ିଆ ଅସ୍ମିତା ସେମାନଙ୍କ କବଳରୁ ମୁକୁଳି ପାରିବତ ?

ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ଥିବା ଓଡ଼ିଶା ସାହିତ୍ୟ ଏକାଡ଼େମୀ ଗୁଣ ଖଜୁରୀ ଗଛର ପାହାଚ ସଦୃଶ । କେନ୍ଦ୍ର ସାହିତ୍ୟ ଏକାଡେମୀ ସାହିତ୍ୟିକ ମାନଙ୍କ ମଧ୍ୟରେ ବାଛବିଚାର ଭାବ କୁ ନେଇ ଓଡ଼ିଶାର ବହୁ ସାହିତ୍ୟିକମାନଙ୍କ ମଧ୍ୟରେ ଅସୋନ୍ତଷ ପ୍ରକାଶ ପାଉଛି । ଓଡ଼ିଆ ଭାଷାର ସାହିତ୍ୟିକମାନଙ୍କ ଅସନ୍ତୋଷର ଭାବକୁ ଠିକ୍ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷ ଅନୁଭୂବ କରି ପାରୁନାହାଁନ୍ତି । ଏହା କେମିତି ବା ସମ୍ଭବ ହୋଇପାରିବ ଓଡ଼ିଶାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଥିବା କର୍ମକର୍ତ୍ତା ମାନେ ତ ନିଜ ଅନୁଗତ ମାନଙ୍କ ମାୟାର ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି । କେବଳ ନିଜର ପଦପଦବୀର ସୁରକ୍ଷା ହିଁ ସେମାନଙ୍କର ବଡ଼ଚିନ୍ତା । ସେମାନଙ୍କ କାର୍ଯ୍ୟକାଳ କିପରି ଭଲରେ ଭଲରେ କଟିଯାଉ । ଗୋଟିଏ କଥା ମନେ ପଡ଼େ ଏକଦା ଓଡ଼ିଶାର ଏକ ପ୍ରତିଷ୍ଠିତ ବଡ଼ ଅନୁଷ୍ଠାନର ସାହିତ୍ୟ ସଭାରେ କେନ୍ଦ୍ରସାହିତ୍ୟ ଏକାଡେମୀର ସଭାପତି ଯୋଗଦେଇଥାନ୍ତି ସେହି ସଭାରେ ଏକାଡ଼େମୀର ସଭାପତି ଓଡ଼ିଶା କର୍ମକର୍ତ୍ତାମାନଙ୍କ ସମ୍ପର୍କରେ କେତେକ ପ୍ରଶ୍ନର ସମ୍ମୁଖିନ ହୋଇଥିଲେ । ପ୍ରଶ୍ନକର୍ତ୍ତା ସାହିତ୍ୟିକମାନେ ନିବେଦନ କରିବାର କିଛି ଦିନ ପରେ ଦେଖା ଗଲା ଦାୟିତ୍ୱରେ ଥିବା ଓଡ଼ିଶାର ସେହି ମହାନ ହସ୍ତି । ଏହି ସମ୍ମାନଜନକ ଦାୟିତ୍ୱରୁ ଅବ୍ୟାହିତ ନେଇ ଯାଇଛନ୍ତି ।

ଆଉ ସେହି ସଭାରେ ଏକାଡେମୀ ସଭାପତିଙ୍କ ସହ ସୌଜନ୍ୟ ଭାବ ବିନିମୟ କରିଥିବା ଓଡ଼ିଶାର କେତେଜଣ ଜଣାଶୁଣା ଲେଖକ ଏକ ପ୍ରତିଷ୍ଠିତ ସମ୍ବାଦ ପତ୍ରର ଗୁରୁଦାୟିତ୍ୱ ବହନ କରୁଥିବା ସାହିତ୍ୟିକ ଜଣକ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଦାଇତ୍ୱ ନିର୍ବାହ କରୁଛନ୍ତି । କିଛି ଦିନ ସବୁ ଠିକ୍ ଠାକ୍ ଚାଲିଥିଲା । ସାହିତ୍ୟିକମାନଙ୍କ ମଧ୍ୟରେ ସାରସ୍ୱତ ସମ୍ପର୍କର ସେତୁ ତିଆରୀ ହୋଇ ପାରିଥିଲା ସେ ମଧ୍ୟ ଅନେକ ସୁନାମ ସାଉଁଟିଥିଲେ । ସାଧାରଣ ସାହିତ୍ୟିକଟି ତାଙ୍କ ଉପରେ ବେଶ୍ ବିଶାସ ଓ ଭରଷା ରଖିଥିଲା । କିନ୍ତୁ ପରବର୍ତ୍ତୀ କ୍ଷେତ୍ରରେ କ'ଣ ହେଲା କେଜାଣି ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଗଲା । ଓଡ଼ିଶାର କର୍ମକର୍ତ୍ତା ମାନଙ୍କ ଉପରେ ନାନା ପ୍ରଶ୍ନବାଚୀର ମୋହର ଲାଗିଗଲା । ଏ କ୍ଷେତ୍ରରେ ଅଖ୍ୟାତ ସାହିତ୍ୟିକଟି ଆକାଶର ତାର ଗଣିବା ଛଡ଼ା ବା ତାର ଆଉ କଣ ଉପାୟ ଅଛି ।

ଓଡ଼ିଶା ସାହିତ୍ୟ ଏକାଡ଼େମୀ କଥା କଣ ଆଲୋଚନା କରାଯାଇ ପାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପରି ସମାନ ଅବସ୍ଥା । ଯେଉଁମାନେ ଅତୀତରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହ ଯୋଡ଼ି ହୋଇ ରହିଥିଲେ । ଏକାଡ଼େମୀ ସହ ସୁନ୍ଦର ସମ୍ପର୍କ ରହି ଆସୁଥିଲା । ସେହି ସାହିତ୍ୟିକ ମାନଙ୍କ ମଧ୍ୟରୁ କେତେକ ଏକାଡେମୀ ପାଖରେ ଆଜି ଅଦରକାରୀ ଲେଖକ ଭାବେ ପରିଗଣିତ ହୋଇ ପଡ଼ିଛନ୍ତି । ଆଉ ଏକାଡ଼େମୀ ଦୃଷ୍ଟିରେ ପୁରୁଣା ସାହିତ୍ୟ ସଂଗଠନ ଗୁଡ଼ିକର ସ୍ଥିତି ନକହିବା ଭଲ । ଏକଦା ଓଡ଼ିଶାରେ ସାହିତ୍ୟ ଆନ୍ଦଳନର ଜୟ ଯାତ୍ରାକୁ ସାଫଲ୍ୟ କରି ଅଖ୍ୟାତ ପଲ୍ଲୀର ସାହିତ୍ୟିକ ଓ ସହରୀ ସାହିତ୍ୟିକ ଓ ସାମ୍ପ୍ରତିକ ସମୟରେ ବଡ଼ବଡ଼ ସାହିତ୍ୟିକ ବୋଲାଉଥିବା ସାହିତ୍ୟିକ ମାନଙ୍କ ମଧ୍ୟରେ ସୁସମ୍ପର୍କର ସାରସ୍ୱତ ସେତୁ ତିଆରି କରି ଆସୁଥିବା ସେହି ସାହିତ୍ୟ ଅନୁଷ୍ଠାନ ଗୁଡ଼ିକୁ ସାଂପ୍ରତିକ ସ୍ଥିତିରେ ନିଜର ପରିଚୟ ଏକାଡ଼େମୀର କର୍ତ୍ତୃପକ୍ଷଙ୍କ ନିକଟରେ ଦେବାକୁ ପଡୁଛି । ଯେଉଁ ସ୍ୱାଭିମାନୀ ସାହିତ୍ୟ ସଂଗଠନ ଗୁଡ଼ିକ ନିଜର ପରିଚୟ ଦେବାକୁ କୁଣ୍ଠାବୋଧ କରି ବାହାରେ ରହି ଓଡ଼ିଶା ସାହିତ୍ୟ ଏକାଡ଼େମୀର କାର୍ଯ୍ୟକଳାପ ପ୍ରତି ତିକ୍ଷ୍ଣ ଦୃଷ୍ଟି ନିକ୍ଷେପ କରି ଆସୁଛନ୍ତି । ସେହି ଅନୁଷ୍ଠାନ ଗୁଡ଼ିକୁ ଏକାଡ଼େମୀଠାରୁ ଦୂରେଇ ରଖାଯାଉଛି । ସାହିତ୍ୟ ଏକାଡ଼େମୀର ମୌଳିକ କାର୍ଯ୍ୟଧାରା ହେଉଛି ସାହିତ୍ୟିକମାନଙ୍କ ମଧ୍ୟରେ ସାରସ୍ୱତ ସମ୍ପର୍କର ସେତୁବନ୍ଧ ତିଆରି କରିବା କଥା । ଆଉ ଅଖ୍ୟାତ ପଲ୍ଲୀର ସାହିତ୍ୟକଟିକୁ ସନ୍ଧାନ କରି ଲୋକ ଲୋଚନକୁ ଆଣିବା । ଅଖ୍ୟାତ ଅଞ୍ଚଳରେ ସାହିତ୍ୟ ଓ ଓଡ଼ଆ ଭାଷାର ଜାଗରଣ ସୃଷ୍ଟି କରିବା ସତରେ କଣ ଏ ଦିଗରେ ଏକାଡ଼େମୀ କାର୍ଯ୍ୟପନ୍ଥା ଗ୍ରହଣ କରିପାରୁଛି ? ସହରୀ ସଂସ୍କୃତି ପାଖରେ ଏକାଡ଼େମୀ ସୀମା ବଦ୍ଧ ହୋଇ ଯାଉଛି ବୋଲି ଅଖ୍ୟାତ ପଲ୍ଲୀର ସାହିତ୍ୟିକମାନଙ୍କର ସ୍ୱର ଶାଣିତ ହେଲାଣି । ସ୍ୱାଭିମାନୀ ସାହିତ୍ୟିକ ଓ ପୁରାତନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଗୁଡ଼ିକୁ ଅଣଦେଖା କରିବା ଏକାଡ଼େମୀର ଏହା ଏକ ପୁରୁଣା ପରମ୍ପରା ।

ଓଡ଼ିଶା ସାହିତ୍ୟ ଏକାଡ଼େମୀର ସମ୍ବିଧାନ ପରିବର୍ତ୍ତନ ପାଇଁ ବହୁ ବର୍ଷ ଧରି ଦାବୀ ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ସରକାର ନାଁ ସାଧାରଣ ପରିଷଦ ନାଁ ଏକାଡ଼େମୀ କର୍ତ୍ତୃପକ୍ଷ କେହିବି ଧ୍ୟାନ ଦେଉନାହାନ୍ତି । ଭୁଲ ସମ୍ବିଧାନ ଯୋଗୁ ଲେଖକମାନେ ନନ୍ଦିତ ଓ ଲଜିତ ଦେଉଛନ୍ତି । ଏହି ଭୁଲ ସମ୍ବିଧାନ ଯୋଗୁ ସରକାରଙ୍କ ଦ୍ୱାରା ମନୋନିତ ହୋଇଥିବା ସାହିତ୍ୟିକ ମାନେ ଏକାଡ଼େମୀ ଲାଗି ମୁଣ୍ଡ ବ୍ୟଥାର କାରଣ ହୋଇଥାନ୍ତି । ସେମାନେ ଅନ୍ୟ ସଦସ୍ୟ ମାନଙ୍କ ସମ୍ପର୍କରେ କିଛି ନଜାଣି ସେହି ନୂତନ ସମସ୍ୟ ମାନଙ୍କୁ ଭୋଟ ମାଧ୍ୟମରେ ନିର୍ବାଚିତ କରିଥାନ୍ତି । ଏହି ନିର୍ବାଚନକୁ ନେଇ ବେଳେବେଳେ ରୋଚକ ପରିସ୍ଥିତି ସୃଷ୍ଟି ହୋଇଥାଏ । ଏକାଡ଼େମୀ ସମ୍ବିଧାନର ଭୁଲ୍ ନିୟମ ଯୋଗୁ ଜଣେ ସାହିତ୍ୟକୁ ତାର ଅଜାଣତରେ ତାକୁ ନିନ୍ଦିତ ଓ ଅପମାନିତ ହେବାକୁ ପଡ଼ିଥାଏ ।

ସରକାରଙ୍କ ଦ୍ୱାରା ଜଣେ ମନୋନୀତ ସଦସ୍ୟ ଯେକୌଣସି ବ୍ୟକ୍ତିଙ୍କର ନାମକୁ ତାଙ୍କ ଅଜାଣତରେ ତାଙ୍କର ବିନା ଅନୁମତିରେ ପ୍ରାର୍ଥୀ ଭାବେ ତାଙ୍କର ନାମକୁ ପ୍ରସ୍ତାବ ଦେଇପାରିବେ । ସେ ସମାଜର ପ୍ରତିଷ୍ଠିତ ବ୍ୟକ୍ତି ହୋଇଥାନ୍ତୁ କି, ସରକାରୀ କଳର କ୍ଷମତାସୀନ ବ୍ୟକ୍ତି ହୋଇଥାନ୍ତୁ କି, କ୍ଷମତାସୀନ ବିରୋଧୀ ରାଜନୈତିକ ଦଳର କ୍ଷମତାଧାରୀ ବ୍ୟକ୍ତି ହୋଇଥାନ୍ତୁ କିମ୍ବା ଉଚ୍ଚ ପଦପଦବୀରେ ବସିଥିବା ସମ୍ମାନୀୟ ବ୍ୟକ୍ତି ହୁଅନ୍ତୁ ବା ସାଧାରଣ ମଣିଷଟିଏ ଅଥବା ସାହିତ୍ୟିକଟିଏ ହେଉ, ସେମାନଙ୍କର ନାମକୁ ପ୍ରାର୍ଥୀଭାବେ ସରକାରଙ୍କ ଦ୍ୱାରା ମନୋନୀତ ସଦସ୍ୟମାନେ ପ୍ରସ୍ତାବ ଦେଇ ପାରିବେ । ଏହା ଫଳରେ ପ୍ରସ୍ତାବିତ ପ୍ରାର୍ଥୀହୋଇ ବ୍ୟକ୍ତିଟିର ବ୍ୟକ୍ତିସ୍ୱାଧୀନତା ଲୋପ ପାଇଥାଏ । ଏହା ତାର ସ୍ୱାଭିମାନ ଓ ସମ୍ମାନ ପ୍ରତି ନଗ୍ନ ଆକ୍ରମଣ କହିଲେ ଅତ୍ୟୁକ୍ତ ହେବନାହିଁ । ଏହି ଆକ୍ରମଣରୁ ଉକ୍ତ ଲେଖକ ମଧ୍ୟ ବାଦ୍ ପଡ଼ିନାହିଁ । ହାରିଗଲେ ପ୍ରତିଷ୍ଠିତ ବ୍ୟକ୍ତି ଅପମାନିତ ଓ ନିନ୍ଦିତ ହୁଏ ତା ସହିତ ତାର ବ୍ୟକ୍ତି ସ୍ୱାଧିନତା ମଧ୍ୟ କ୍ଷୁଣ୍ଣ ହୁଏ ।

ଯଦି ଜଣେ ସରକାରୀ ମନୋନୀତ ସଦସ୍ୟଙ୍କର କୌଣସି ବ୍ୟକ୍ତି ଉପରେ ଅସୂୟା ଭାବ ଥାଏ ତେବେ ସେ ସେହି ବ୍ୟକ୍ତି ଜଣଙ୍କର ନାମକୁ ପ୍ରାର୍ଥୀ ଭାବେ ପ୍ରସ୍ତାବ ଦେଇ ତାକୁ ହରାଇ ସର୍ବସାଧାରଣରେ ସମାଜରେ ନିନ୍ଦିତ କରାଇ ତାର ସମ୍ମାନହାନୀ ଘଟାଇଥାଏ । ତେଣୁ ଏହି ପରି ଭୁଲ ସମ୍ବିଧାନ ବଳରେ ସାମ୍ବିଧାନିକ କ୍ଷମତା ସଦସ୍ୟମାନଙ୍କୁ ଦେବା ଉଚିତ ନୁହେଁ । ଯାହା ସମାଜର ଓ ବ୍ୟକ୍ତିର କ୍ଷତି ଘଟାଇବ । ପ୍ରାର୍ଥୀଙ୍କର ସମ୍ମତି ନଥିଲେ ସେମାନଙ୍କୁ ନିର୍ବାଚନର ପ୍ରାର୍ଥୀ ବୋଲି ଘୋଷଣା କରିବା ଉଚିତ ନୁହଁ । କିମ୍ବା ପ୍ରାର୍ଥୀ ନିଜେ ନୋମିନେସନ ପତ୍ର ପୁରଣ କରି ନୋମିନେସନ ପତ୍ରକୁ ନିର୍ବାଚନ ଅଫିସରଙ୍କ ନିକଟରେ ଦାଖଲ କରି ଆଇନଗତ ପ୍ରାର୍ଥୀ ଭାବେ ନିଜକୁ ଘୋଷଣା କରିବା ଉଚିତ । ଏହି ନୋମିନେସନ ଫର୍ମରେ ପ୍ରସ୍ତାବକ ଓ ସମର୍ଥକଙ୍କର ସ୍ୱାକ୍ଷର ରହିବା ଲାଗି ନିୟମ ପ୍ରଣୟନ ହେବା ଉଚିତ । ଫଳରେ ବ୍ୟକ୍ତିର ବ୍ୟକ୍ତି ସ୍ୱାଧିନତା ରକ୍ଷା ହୋଇପାରିବା ସଙ୍ଗେସଙ୍ଗେ ତା ସ୍ୱାଭିମାନ, ସମ୍ମାନ ରକ୍ଷା ହୋଇ ପାରନ୍ତା । ଏଦିଗରେ ସରକାର ଓ ଏକାଡ଼େମୀ କର୍ତ୍ତୃପକ୍ଷ ସହୃଦୟ ତାର ସହ ବିଚାର କରିବାକୁ ବର୍ଷବର୍ଷ ଧରି ନିବେଦନ କରାଯାଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାର ସୁଫଳ ମିଳିପାରି ନାହିଁ । ବର୍ତ୍ତମାନର ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବା ବେଳେ ଏହି ବ୍ୟବସ୍ଥାର ପରିବର୍ତ୍ତନ ଓ ସମସ୍ୟାର ସମାଧାନ କରିପାରିବେ ବୋଲି ସାହିତ୍ୟିକ ଓ ବୁଦ୍ଧିଜିବି ମାନେ ଆଶା ପ୍ରକାଶ କରିଛନ୍ତି । ସବୁଠାରୁ ଦୁଃଖର ବିଷୟ ହେଉଛି ଯେଉଁ ଏକାଡ଼େମୀକୁ ଦୁର୍ନିତି କି କଳଙ୍କ ସ୍ପର୍ଶ କରି ପାରିନଥିଲା ଆଜି ସେହି ଏକାଡ଼େମୀ ଉପରେ ନାନା ପ୍ରଶ୍ନ ଓ ସମସ୍ୟାର କଳା ବାଦଲ ଖଣ୍ଡମାନ ଘୁରିବୁଲୁଛି ତାହାର ଅନ୍ତ କେବେ ହେବ ତାହା ସମୟ ହିଁ କହିପାରିବ । ସାଧାରଣ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିଲେ ବି ନୂତନ ସାଧାରଣ ପରିଷଦ ଗଠନ ହୋଇ ପାରିଲା ନାହିଁ ।

ସମୟାନୁକ୍ରମେ ପୁରସ୍କାର ଦିଆଯିବାର ପ୍ରକ୍ରୀୟା ସ୍ଥଗିତ ରହୁଛି । ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକଳାପକୁ ନେଇ ନ୍ୟାୟାଳୟରେ ମାମଲା ଚାଲୁଛି । ଏହି ପରି ଅନେକ ସମସ୍ୟାର ବୋଝ ମୁଣ୍ଡରେ ମଣ୍ଡେଇ ଏକାଡ଼େମୀ ଗତି କରିଚାଲିଛି । ଓଡ଼ିଶା ସରକାର ଏହି ସମସ୍ୟାଗୁଡ଼ିକ ସମାଧାନ ଲାଗି ଆନ୍ତରିକତାର ସହ ଯଦି ଚିନ୍ତା କରନ୍ତେ ତେବେ ସବୁ ସମସ୍ୟାର ସମାଧାନ ଖୁବ୍ ଶିଘ୍ର ହୋଇପାରନ୍ତା । ଆଜି ଓଡ଼ିଆ ଅସ୍ମିତା ସରକାରୀ କଳ ଆଉ ତୋଷାମଦିଆ ସାହିତ୍ୟିକଙ୍କ କବଳରେ କବଳିତ ସତରେ କଣ ଏପରି ସ୍ଥିତିରେ ଓଡ଼ିଆ ଅସ୍ମିତା ସେମାନଙ୍କ କଳବରୁ ମୁକ୍ତି ପାଇ ପାରିବ । ଆଶା ଓ ବିଶ୍ୱାସ ରାଜ୍ୟ ସରକାର ସଂସ୍କୃତି ବିଭାଗ, ସାହିତ୍ୟ ଏକାଡ଼େମୀର ସୁଦକ୍ଷ ସମ୍ପାଦକ ଏଦିଗରେ ସହୃଦୟତାର ସହିତ ବିଚାର କରି କାର୍ଯ୍ୟପନ୍ଥା ଗ୍ରହଣ କରିବା ସହ ଓଡ଼ିଶାର ଲୋକପ୍ରୀୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ସଫଳତାର ସହ କାର୍ଯ୍ୟ ସମ୍ପାଦନା କରିବା ଉଚିତ ।

ବରିଷ୍ଠ ସାମ୍ବାଦିକ
ଭୁବନେଶ୍ୱର

# ଲେହ : ବିଶ୍ୱାସ, ସଂସ୍କୃତି ଏବଂ ବୌଦ୍ଧଧର୍ମର ଜୀବନ୍ତ ପରମ୍ପରାର ପ୍ରତିନିଧି

**ଡ଼. କପିଳେନ୍ଦ୍ର ଦାସ**

ଲେହ- ସମୁଦ୍ର ପତନ ଠାରୁ ପ୍ରାୟ ୩୫୦୦ ମିଟର ଉଚ୍ଚତାରେ ଅବସ୍ଥିତ । ଏହା ପୃଥିବୀରେ ସର୍ବୋଚ୍ଚ ବାସସ୍ଥାନ ମାନଙ୍କ ମଧ୍ୟରୁ ଅନ୍ୟତମ । ଏହା ହିମାଳୟ ପାଦଦେଶରେ ଅବସ୍ଥିତ ଏକ ଅଦ୍ଭୁତ ସହର । ଏହା କେବଳ ପର୍ବତ ଶ୍ରେଣୀରେ ଗଢ଼ା ଯାଇଥିବା ଏକ ସୁନ୍ଦର ଓ ମନୋରମ ସ୍ଥାନ ନୁହେଁ, ବରଂ ବୌଦ୍ଧଧର୍ମର ଏକ ଜୀବନ୍ତ ପ୍ରତୀକ । ଏହା ଲଦାଖର ରାଜଧାନୀ ଏବଂ ହଜାର ବର୍ଷର ପ୍ରାଚୀନ ବୌଦ୍ଧ ଐତିହ୍ୟର କେନ୍ଦ୍ର । ଏଠାରେ ବୌଦ୍ଧଧର୍ମର ବିଶ୍ୱାସ, ସଂସ୍କୃତି ଓ ଧାର୍ମିକ ଜୀବନର ଅଦ୍ଭୁତ ମିଶ୍ରଣ ଦେଖିବାକୁ ମିଳେ, ଯାହାକି ବର୍ଷ ବର୍ଷ ଧରି ବିକଶିତ ହୋଇ ଆସୁଛି । ଏହି ପରମ୍ପରା ଜୀବନ୍ତ ଭାବେ ମାନବ ଜୀବନଯାପନ ସହିତ ଗଭୀର ଭାବେ ଜଡ଼ିତ ।

ଲେହ ବିଶ୍ୱାସ, ସଂସ୍କୃତି ଏବଂ ବୌଦ୍ଧଧର୍ମର ଜୀବନ୍ତ ପରମ୍ପରାର ଶକ୍ତିଶାଳୀ ଆଧାର । ଲେହର ଅବସ୍ଥିତି ନିଜେ ଏକ ଆଧ୍ୟାତ୍ମିକ ଚିନ୍ତାର ପ୍ରତୀକ । ପ୍ରାଚୀନ କାଳରେ ଏହାଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ମାର୍ଗର କେନ୍ଦ୍ର ଥିଲା, ଯାହା ଚୀନ, ତିବ୍ବତ, ଭାରତ ଓ ମଧ୍ୟ ଏସିଆକୁ ସଂଯୁକ୍ତ କରୁଥିଲା । ଏହି ମାର୍ଗର ମିଳନସ୍ଥଳ ହେତୁ, ଲେହ ବିଭିନ୍ନ ସଂସ୍କୃତି ଓ ଧର୍ମର ମିଶ୍ରଣ କେନ୍ଦ୍ର ହୋଇଥିଲା ।

ଭାରତ ବୌଦ୍ଧଧର୍ମର ଜନ୍ମସ୍ଥାନ କିନ୍ତୁ ଐତିହାସିକ ଭାବରେ ଆଧୁନିକ ସମୟରେ ଏହାର ସବୁଠାରୁ ପ୍ରମୁଖ ଅଭ୍ୟାସକାରୀ ରାଷ୍ଟ୍ର ନୁହେଁ । ବୁଦ୍ଧଙ୍କ ଦ୍ୱାରା ପ୍ରତିଷ୍ଠିତ ପରମ୍ପରା ପୂର୍ବ ଏବଂ ଦକ୍ଷିଣରେ ବ୍ୟାପିଥିଲା, ଶ୍ରୀଲଙ୍କା, ଦକ୍ଷିଣ-ପୂର୍ବ ଏସିଆ, ଚୀନ, କୋରିଆ ଏବଂ ଜାପାନରେ ମୂଳ ଧରିଥିଲା ଏବଂ ମଧ୍ୟଯୁଗୀୟ ଯୁଗରେ ବୌଦ୍ଧମଠ ପ୍ରତିଷ୍ଠାନର ଅବନତି ପରେ ଧିରେ ଧିରେ ଏହାର ଜନ୍ମଭୂମିରେ ମଳିନ ହୋଇଗଲା । ୧୯୫୬ ମସିହାରେ ଡ଼କ୍ଟର ବି.ଆର୍. ଆମ୍ବେଦକରଙ୍କ ନେତୃତ୍ୱରେ ଗଣଧର୍ମାନ୍ତରୀକରଣ ବୌଦ୍ଧଧର୍ମର ଏକ ଆଧୁନିକ ପୁନରୁଦ୍ଧାର ଆରମ୍ଭ କରିଥିଲା । କିନ୍ତୁ ଭାରତୀୟ ବୌଦ୍ଧଧର୍ମ ଜନସଂଖ୍ୟା ଅନୁସାରେ ବିଶ୍ୱ ପରମ୍ପରାର ଏକ ଛୋଟ ଅଂଶ ହୋଇ ରହିଛି ।

ତିବ୍ବତୀୟ ବୌଦ୍ଧଧର୍ମ ଏଠାକୁ ଆସିଥିଲା ଏବଂ ଏହା ଲେହ ସାଂସ୍କୃତିକ ଓ ଧାର୍ମିକ ଜୀବନର ମୂଳଦୁଆର ହୋଇଥିଲା । ଲଦାଖର ପ୍ରାଚୀନ ଇତିହାସରେ ବୌଦ୍ଧଧର୍ମର ପ୍ରଭାବ ଅତି ଗଭୀର । ଖ୍ରୀଷ୍ଟାବ୍ଦ ୮୫୧-୮୬୯ରେ ବୌଦ୍ଧଧର୍ମ ଏଠାରେ ପ୍ରତିଷ୍ଠିତ ହୋଇଥିବା ଏବଂ ଏହାଏକ ମହତ୍ତ୍ୱପୂର୍ଣ୍ଣ ଧାର୍ମିକ କେନ୍ଦ୍ର ହୋଇଉଠିଲା । ଏହି ଐତିହାସିକ ପୃଷ୍ଠଭୂମି ଲେହରେ ବିଶ୍ୱାସର ଏକ ଶକ୍ତିଶାଳୀ ଆଧାର ସୃଷ୍ଟି କରିଥିଲା, ଯାହା ଆଜି ପର୍ଯ୍ୟନ୍ତ ଅବିରତ ରହିଛି । ଲେହର ପ୍ରତ୍ୟେକ ପାହାଡ଼ ଓ ଉପତ୍ୟକାରେ ବୌଦ୍ଧମଠ ଓ ମନ୍ଦିରର ଅବସ୍ଥିତି ଦେଖିବାକୁ ମିଳେ, ଯାହା ବିଶ୍ୱାସର ଏକ ଜୀବନ୍ତ କେନ୍ଦ୍ରର ପ୍ରତୀକ । ଏହା କେବଳ ଧ୍ୟାନ ଓ ଅଧ୍ୟୟନର ସ୍ଥାନ ନୁହେଁ, ବରଂ ସମ୍ପୂର୍ଣ୍ଣ ସମାଜର ଆଧ୍ୟାତ୍ମିକ ଜୀବନର କେନ୍ଦ୍ରବିନ୍ଦୁ । ଏଗୁଡିକ ନିଜର ଅଦ୍ଭୁତ ସ୍ଥାପତ୍ୟ, ପ୍ରତ୍ୟକ୍ଷ ପ୍ରତିମା, ପ୍ରାଚୀନ ପାଣ୍ଡୁଲିପି ଓ ଧାର୍ମିକ କଳାକୃତି ଦ୍ୱାରା ପ୍ରତ୍ୟେକ ପରିଦର୍ଶକଙ୍କୁ ଆକର୍ଷିତ କରିଥାଏ । ତେଣୁ ଲେହ- ତିବ୍ବତୀୟ ବୌଦ୍ଧଧର୍ମର ଆତ୍ମା । ଲେହର ଦୈନିକ ଜୀବନ ବୌଦ୍ଧପୂଜା ଓ ଧାର୍ମିକ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ ହୋଇଥାଏ । ଏଠାରେ ଦୋସ୍ମୋଚେ ଉତ୍ସବ, ଗୁରୁପୂର୍ଣ୍ଣିମା ଉତ୍ସବ, ଲୋସାର ଉତ୍ସବ (ତିବ୍ବତୀୟ ନବବର୍ଷ) ବହୁ ଆଡ଼ମ୍ବରରେ ପାଳନ କରାଯାଏ । ଏହି ଉତ୍ସବ ମାନଙ୍କରେ ଲୋକନୃତ୍ୟ, ପାରମ୍ପରିକ ବସ୍ତ୍ର ଓ ବିଭିନ୍ନ ପ୍ରକାର ଭୋଜନ ଥାଏ ।

ଲେହର ବୌଦ୍ଧ ଜୀବନଧାରାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଂଗ ହେଉଛି ଦୈନିକ ଆଚାର-ଅନୁଷ୍ଠାନ । ପ୍ରତିଦିନର ପ୍ରାର୍ଥନା ଚକ୍ର ଘୂର୍ଣ୍ଣାୟମାନ ପ୍ରାର୍ଥନାଚକ୍ର ପ୍ରତିଟି ଘରର କାନ୍ଥରେ ଥିବା ଛୋଟ ସ୍ତୁପ, ଏବଂ ପାହାଡ଼ର ଉପରେ ଉଡ଼ନ୍ତା ରଙ୍ଗିନ ପ୍ରାର୍ଥନା ପତାକା ସବୁ ବୌଦ୍ଧ ବିଶ୍ୱାସର ଗଭୀର ଅନୁଭୂତିକୁ ପ୍ରକାଶ କରନ୍ତି । ପ୍ରତିବର୍ଷ ଅନୁଷ୍ଠିତ ହେମିସ ଉତ୍ସବ ବିଶାଳ ଧାର୍ମିକ ଅନୁଷ୍ଠାନଗୁଡିକ ସମ୍ପ୍ରଦାୟର ଐକ୍ୟ ଓ ବୌଦ୍ଧ ବିଶ୍ୱାସର ଜୀବନ୍ତ ପ୍ରକାଶ । ଏହି ଉତ୍ସବ ମାନେ କେବଳ ଧାର୍ମିକ ଆଚରଣ ନୁହେଁ, ସମାଜର ଐକତା ଓ ଜୀବନର ଉତ୍ସାହକୁ ପ୍ରତିଫଳିତ କରନ୍ତି ।

ଲେହର ସଂସ୍କୃତି ବୌଦ୍ଧଧର୍ମର ଏକ ଗଭୀର ଅଭିବ୍ୟକ୍ତି । ଏହି ସଂସ୍କୃତି ଜୀବନ ପ୍ରବାହ ଓ ଐତିହ୍ୟର ସଂସ୍କୃତି । ଏହା ବୌଦ୍ଧ ଆଦର୍ଶରୁ ଆରମ୍ଭ ହୋଇ ସ୍ଥାନୀୟ ପରମ୍ପରା, ପ୍ରାଚୀନ ବିଶ୍ୱାସ ଓ ପଡୋସୀ ଅଞ୍ଚଳର ପ୍ରଭାବକୁ ମିଶାଇ ଗଠିତ ହୋଇଛି । ବୌଦ୍ଧ ଆଦର୍ଶର କରୁଣା, ଅହିଂସା ଓ ପରିହାର ଏଠାରେ ସମାଜର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଏକ ଶାନ୍ତିପୂର୍ଣ୍ଣ ସହବାସକୁ ନିଶ୍ଚିତ କରିଥାଏ । ଲେହର ପାରମ୍ପରିକ ଅଳଙ୍କାର ଓ ବସ୍ତ୍ର ଏହାର ସଂସ୍କୃତିର ଅବିସ୍ମରଣୀୟ ଅଙ୍ଗ । ଏହି ବସ୍ତ୍ର ଓ ଅଳଙ୍କାର ଲେହ ଅଧିବାସୀଙ୍କ ପରିଚୟ । ସେହିପରି ଲେହର ଖାଦ୍ୟ ଏହାର ଭୌଗଳିକ ପରିସ୍ଥିତି, ଲୋକଙ୍କ ଜୀବନଶୈଳୀ, ପରିବେଶ ଓ ସର୍ବୋପରେ ବୌଦ୍ଧ ଆଦର୍ଶର ପ୍ରତିଫଳନ କରିଥାଏ । ଲେହର କଳା ଓ ହସ୍ତଶିଳ୍ପ ଏହାର ସଂସ୍କୃତିର ଏକ ଗଭୀର ଅଙ୍ଗ । ଯାହାକି ଲୋକଙ୍କ ଆର୍ଥିକ ଜୀବନକୁ ମଧ୍ୟ ସହାୟତା କରିଥାଏ ।

ଲେହର ଭୌଗଳିକ ପରିବେଶ, ସଂସ୍କୃତି ଓ ବୌଦ୍ଧଧର୍ମର ଜୀବନ୍ତ ପରମ୍ପରା ପୃଥିବୀର ବହୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କୁ ଆକର୍ଷିତ କରିପାରିଛୁ । ଏଠାକୁ ଆସି ନିଜ ମନରେ ଶାନ୍ତି ଓ ଆଧ୍ୟାତ୍ମିକ ଶକ୍ତି ଖୋଜନ୍ତି । ଏଠାରେ ଥିବା ବୁଦ୍ଧଙ୍କ ପ୍ରତିମା ଓ ପ୍ରାଚୀନ ଅଭିଲେଖଗୁଡିକ ସେମାନଙ୍କ ଇତିହାସର ଗଭୀରତାରେ ନେଇଯାନ୍ତି ଏବଂ ସେମାନେ ବୁଦ୍ଧଙ୍କ ଶିକ୍ଷାରେ ଅନୁପ୍ରାଣିତ ହୁଅନ୍ତି । ବୁଦ୍ଧଙ୍କ ଅହିଂସା, କରୁଣା ଓ ଜ୍ଞାନରବାଣୀ ଏଠାରେ ପ୍ରତିଫଳିତ ହୁଏ । ଲେହର ପରିବେଶ ଏତେ ଶକ୍ତିପ୍ରଦ ଯେ ଏଠାରେ ବସିଲେ ମନରେ ଏକ ନୂତନଶକ୍ତି ଓ ଆଧ୍ୟାତ୍ମିକ ବିକାଶର ଅନୁଭବ ହୁଏ । ଏଠାରେ ଅନେକ ପ୍ରାଚୀନ କାରୁକାର୍ଯ୍ୟ ଓ ମୂର୍ତ୍ତି ରହିଛି, ଯାହା ବୌଦ୍ଧ ସଂସ୍କୃତିର ଗଭୀରତାକୁ ବୁଝାଇଥାଏ । ଲେହର ବିଶ୍ୱାସ, ସଂସ୍କୃତି ଓ ବୌଦ୍ଧଧର୍ମର ଜୀବନ୍ତ ପରମ୍ପରା ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କୁ ଶାନ୍ତି ଓ ବିରାଟ ଜ୍ଞାନ ପ୍ରଦାନ କରିବାରେ ସହାୟକ ହୁଏ ।

ଲେହ କେବଳ ଏକ ସହର ନୁହେଁ, ବରଂ ଏକ ଜୀବନ୍ତ ପରମ୍ପରାର ଏକ ଅଦ୍ଭୁତ ପ୍ରତିନିଧି । ଏଠାରେ ବିଶ୍ୱାସ, ସଂସ୍କୃତି ଓ ବୌଦ୍ଧଧର୍ମର ଜୀବନ୍ତ ପରମ୍ପରା ଏକ ଅଦ୍ଭୁତ ମିଶ୍ରଣରେ ବହୁଳ ଭାବରେ ବିକଶିତ ହୋଇଛି । ଯାହାକି ପୃଥିବୀର ଅନ୍ୟାନ୍ୟ ସ୍ଥାନରେ ଦେଖାଯାଏ ନାହିଁ । ଏଠାରେ ବୌଦ୍ଧଧର୍ମ କେବଳ ଧର୍ମ ନୁହେଁ, ଏହା ସଂପୂର୍ଣ୍ଣ ଜୀବନଧାରା ସମାଜ ବ୍ୟବସ୍ଥାର ଭିତ୍ତି ଏବଂ ଲଦାଖି ମାନବର ସାଂସ୍କୃତିକ ପରିଚୟର ପ୍ରଧାନଉତ୍ସ । ଏହା ଏକ ଅଦ୍ଭୁତ ପରମ୍ପରାର ଅବିରାମ ଯାତ୍ରା ଯାହା ପ୍ରତ୍ୟେକ ପରିଦର୍ଶକଙ୍କୁ ଆକର୍ଷିତ କରିଥାଏ ଓ ଏହାର ବିଶ୍ୱାସ, ସଂସ୍କୃତି ଓ ବୌଦ୍ଧଧର୍ମର ଜୀବନ୍ତ ପରମ୍ପରାକୁ ଦେଖିବାକୁ ଓ ଜ୍ଞାନ ଆହରଣ କରିବାକୁ ସୁଯୋଗ ଦିଏ । ଏହାର ମଠ ଓ ମନ୍ଦିର, ଉତ୍ସବ ଓ ନୃତ୍ୟ, କଳା ଓ ସାହିତ୍ୟ ଓ ସମାଜ ଗଠନ ସବୁ ଏକ ପ୍ରକାର ଆଧ୍ୟାତ୍ମିକ ଓ ସାମାଜିକ ଏକତାର ଏକ ଅଦ୍ଭୁତ ଉଦାହରଣ ଭାବରେ ପରିଣତ ହୋଇଛି । ଲେହ ବୌଦ୍ଧଧର୍ମର ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ଓ ଏହାର ପରମ୍ପରା ବିଶ୍ୱର ବୌଦ୍ଧ ପରମ୍ପରାର ଏକ ଅଦ୍ଭୁତ ଅଂଶ ଭାବରେ ପରିଣତ ହୋଇଛି ।

ଲେହର ଜୀବନ୍ତ ପରମ୍ପରା ଆଜି ମଧ୍ୟ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ପର୍ଯ୍ୟଟନ, ଆଧୁନିକତା ଓ ଯୁବପୀଢ଼ିଙ୍କର ବାହାରକୁ ଯିବାର ଇଚ୍ଛା ପରି କାରଣଗୁଡିକ ଲେହର ପରମ୍ପରାକୁ ବିପଦର ସମ୍ମୁଖୀନ କରାଉଛି । ଏହି ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାପାଇଁ ଲେହର ପରମ୍ପରାକୁ ସଂରକ୍ଷଣ କରିବା ଅତ୍ୟନ୍ତ ଆବଶ୍ୟକ । ଏହା କେବଳ ଲେହର ପାଇଁ ନୁହେଁ, ବରଂ ବିଶ୍ୱର ଏକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐହିତ୍ୟର ପାଇଁ ଏକ ଆବଶ୍ୟକତା । ଲେହର ଜୀବନ୍ତ ପରମ୍ପରା ଏକ ଅଦ୍ଭୁତ ପ୍ରତିନିଧି ଭାବରେ ବିଶ୍ୱର ଅନେକ ମଣିଷଙ୍କୁ ଆକର୍ଷିତ କରିଥାଏ, ତେଣୁ ଏହାର ସଂରକ୍ଷଣ ଏକ ଜାତୀୟ ଓ ଆନ୍ତର୍ଜାତୀୟ ଦାୟିତ୍ୱ ଭାବରେ ପରିଣତ ହୋଇଛି ।

ଭେଲା, ନୂଆପଡା
୭୮୯୪୫୨୯୮୦୧

# ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାଏଲିସିସ୍ ୟୁନିଟ୍ ଉଦ୍‌ଘାଟିତ

## ତୃଣମୂଳସ୍ତରରେ ସୁଦୃଢ ସ୍ୱାସ୍ଥ୍ୟସେବାର ବିକାଶ ସରକାରଙ୍କ ପ୍ରାଥମିକତା: ସ୍ୱାସ୍ଥ୍ୟ ମନ୍ତ୍ରୀ



ବଲାଙ୍ଗୀର(୨୦/୦୯): ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ଡାଏଲିସିସ୍ ୟୁନିଟ୍ ଆଜି ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଛନ୍ତି । ଏହି ୟୁନିଟ୍ ଆରମ୍ଭ ହେବା ଫଳରେ ଦୁଇଟି ଡାଏଲିସିସ୍ ମେସିନରେ ଲୋଇସିଂହା ଓ ଆଖପାଖ ଅଞ୍ଚଳର କିଡ୍‌ନୀ ରୋଗୀମାନେ ନିଜ ଅଞ୍ଚଳରେ ଡାଏଲିସିସ୍ ସେବା ପାଇବାର ସୁଯୋଗ ପାଇବେ।

ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ଡ ମହାଲିଙ୍ଗ କହିଥିଲେ ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସହରାଞ୍ଚଳ ସହିତ ଗ୍ରାମାଞ୍ଚଳର ଲୋକମାନଙ୍କୁ ମଧ୍ୟ ଗୁଣାତ୍ମକ ଓ ସୁଲଭ ସ୍ୱାସ୍ଥ୍ୟସେବା ନିକଟରେ ଯୋଗାଇଦେବା ଉପରେ ଗୁରୁତ୍ୱ ଦେଉଛନ୍ତି । ଡାଏଲିସିସ୍ ପରି ଦୀର୍ଘମିଆଦୀ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କୁ ଦୂର ସ୍ଥାନକୁ ବାରମ୍ବାର ଯାତାୟାତ ଯୋଗୁଁ ସମୟ ଓ ଅର୍ଥର ଅତିରିକ୍ତ ବୋଝ ପଡୁଥିଲା । ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ସେବା ଉପଲବ୍ଧ ହେବା ଫଳରେ ଅସୁବିଧା ହ୍ରାସ ପାଇବ ।"ସମସ୍ତଙ୍କ ପାଇଁ ସୁଲଭ, ଗୁଣାତ୍ମକ ଓ ସମାନ ସ୍ୱାସ୍ଥ୍ୟସେବା" ଲକ୍ଷ୍ୟ ନେଇ ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସେବାକୁ ଆହୁରି ସୁଦୃଢ଼ କରିବାର ପ୍ରୟାସ ଜାରି ରହିବ।

ମନ୍ତ୍ରୀ କହିଥିଲେ ଯେ, 'ଶେଷ ମାଇଲ୍' ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ସରକାରଙ୍କ ପ୍ରମୁଖ ପ୍ରାଥମିକତା । ସେଥିପାଇଁ ଜିଲ୍ଲା ଓ ବ୍ଲକ୍ ସ୍ତରର ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ଭିତ୍ତିଭୂମି, ମାନବ ସମ୍ବଳ ଓ ଚିକିତ୍ସା ସେବାକୁ ନିରନ୍ତର ଭାବେ ସୁଦୃଢ଼ କରାଯାଉଛି । ରୋଗୀଙ୍କ ସୁରକ୍ଷା, ସେବାର ଗୁଣବତ୍ତା ଓ ଆବଶ୍ୟକ ଚିକିତ୍ସା ପ୍ରୋଟୋକଲ୍‌ର ଅନୁପାଳନ ଉପରେ ବିଶେଷ ଗୁରୁତ୍ୱ ରହିବ। ଏହା ସ୍ଥାନୀୟ ଅଞ୍ଚଳରେ ସୁପରସ୍ପେସିଆଲିଟି ସ୍ୱାସ୍ଥ୍ୟସେବାର ଉପଲବ୍ଧତା ବୃଦ୍ଧି ସହିତ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥାକୁ ଆହୁରି ମଜବୁତ କରିବ। ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରୋହିଗାଁରେ ଆକ୍ରମଣ : ୨ ଗିରଫ

କୁକୁଡାଖଣ୍ଡି ୨୦/୯: ସଦର ଥାନା ଅନ୍ତର୍ଗତ ରୋହିଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାରପିଟ ଓ ଧମକ ଦେବା ଅଭିଯୋଗରେ ସଦର ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ ରୋହିଗାଁର ସନ୍ତୋଷ ଜେନା (୩୦) ଓ ଭିକୁ ଜେନା ( ୨୭) । ଗତକାଲି ସନ୍ଧ୍ୟାରେ ବିଶ୍ୱମିତ୍ର ଜେନା ଓରଫ ବଚନଙ୍କ ଘର ସମ୍ମୁଖରେ ଅଭିଯୁକ୍ତମାନେ ତାଙ୍କୁ ଲୁହା ପଞ୍ଚ ଓ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପରିବାର ସଦସ୍ୟମାନେ ହସ୍ତକ୍ଷେପ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମାରିବା ସହ ମୋବାଇଲ ଫୋନ ଭାଙ୍ଗି ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଆକ୍ରମଣରେ ଅଭିଯୋଗକାରୀଙ୍କ ସମେତ ତାଙ୍କ ମା' ଓ ଦାଦା ଆହତ ହୋଇଛନ୍ତି। ଏନେଇ ସଦର ଥାନାରେ କେସ୍ ୫୯୧/୨୬ ରୁ ଜୁ ହୋଇଥିଲା। ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି ।

# ବେଆଇନ ଲୁହାପଥର ଚାଲାଣ ଉପରେ ଖଣି ବିଭାଗର ଚଢ଼ାଉ

## ୬୦ ମେଟ୍ରିକ ଟନ୍ ଲୁହାପଥର ଜବତ, ୨ ହାଇୱା ଓ ଜେସିବି ଜବତ, ୭ ଅଭିଯୁକ୍ତ ଗିରଫ, ବାମେବାରୀ ଥାନାରେ ମାମଲା



ଯୋଡ଼ା, ୨୦/୯: କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅଧୀନ ରେ ଥିବା ନାୟାଗଡ଼ ରେଳ ସାଇଡିଂ ନିକଟରେ ବେଆଇନ ଭାବେ ଲୁହାପଥର ଲୋଡ୍ ? କରି ପରିବହନ କରାଯାଉଥିବା ବେଳେ ଖଣି ବିଭାଗର ବିଶେଷ କାର୍ଯ୍ୟରତ ସେନା ଚଢ଼ାଉ କରି ପ୍ରାୟ ୬୦ ମେଟ୍ରିକ ଟନ୍ ଲୁହାପଥର, ୨ଟି ହାଇୱା ଓ ଗୋଟିଏ ଜେସିବି ମେସିନ ଜବତ କରିଛି। ତେବେ ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରାଯାଇଥିବା ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି।

ବିଭାଗୀୟ ସୂଚନା ଅନୁଯାୟୀ, ଶନିବାର ରାତିରେ ନାୟାଗଡ଼ ଡମ୍ପୟାର୍ଡ ଅଞ୍ଚଳରୁ ନାୟାଗଡ଼ ରେଳ ସାଇଡିଂ ନିକଟକୁ ବିନା ବୈଧ ଲାଇସେନ୍ସ କିମ୍ବା ଅନୁମତିରେ ଲୁହାପଥର ଲୋଡିଂ ଓ ପରିବହନ କରାଯାଉଥିବା ଖବର ପାଇ ଟାସ୍କଫୋର୍ସ ଟିମ୍ ? ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଖଣିଜ ବୋଝେଇ ଜେ.ଏଚ-୧୨-ଏନ-୬୮୪୨ ଓ ଜେ.ଏଚ-୦୨-ଏ.କ୍ୟୁ-୩୯୨୮ ନମ୍ବର ବିଶିଷ୍ଟ ୨ଟି ହାଇୱା ସହ ଗୋଟିଏ ନମ୍ବରବିହୀନ ଜେସିବି ମେସିନ ଜବତ କରାଯାଇଥିଲା।ଜବତ ଜେସିବିର କୌଣସି ପଞ୍ଜୀକରଣ ନମ୍ବର ନଥିବା ବେଳେ ଏହାର ଚେସିସ୍ ନମ୍ବର ଏଚ ଏ ଆର ୩ଡି ଏକ୍ସ ଇ ୫କେ ୦୩୪୪୬୯୨୯ବୋଲି ଜଣାପଡ଼ିଛି। ଘଟଣାରେ ଝାଡ଼ଖଣ୍ଡର ସରାଇକେଲା-ଖରସୁଆଁ ଓ ପଶ୍ଚିମ ସିଂହଭୂମ ଜିଲ୍ଲାର ନୂଆମୁଣ୍ଡି ଅଞ୍ଚଳ ସମେତ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅଞ୍ଚଳର ଝଞ୍ଜରାଜ କୁମାର ମହାତୋ (୧୯), ଅବିନାଶ ଗୌଡ଼(୨୮), କମରାନ ରଜା(୨୯), ମହମ୍ମଦ ଆରିଫ୍ ?(୨୧), ବିକାଶ ଗୌଡ଼(୨୪), ରତନ ସୋରେନ୍(୨୪) ଓ ମହମ୍ମଦ ଅମରାନ୍(୨୮)। ଗିରଫ କରାଯାଇଛି।ଏନେଇ ବାମେବାରୀ ଥାନାରେ କେସ୍ ? ନମ୍ବର ୨୨୪, ତାରିଖ ୨୦/୯/୨୦୨୬ରେ ମାମଲା ରୁଜୁ ହୋଇଛି। ଇଘଝ ଧାରା ୩୦୩(୨), ୩(୫) ସମେତ ଏମ ଏମ ଡ଼ି ଆର ଆକ୍ଟ ଓ ଓ ଏମ ପି ଟି ଏସ ନିୟମ ଅନୁଯାୟୀ ମାମଲା ରୁଜୁ କରାଯାଇଛି ତେବେ ହୋଇଥିବା ଏହି ଅପରାଧିକ କାର୍ଯ୍ୟ ରେ ଆଉ କେହି ସମ୍ପୃକ୍ତ ଆଛନ୍ତି କି ନାହିଁ ଯାଞ୍ଚ ଚାଲିଥିବା ଜଣାପଡ଼ିଛି।

# ଗୋଡିପଡାରେ ଆମ ଗାଁ ପ୍ରତିଭା କାର୍ଯ୍ୟକ୍ରମ

ଖୋର୍ଦ୍ଧା : ଖୋର୍ଦ୍ଧା ଜିଲ୍ଲା ଗୋଡିପଡାର ମା' ବଘେଇ ଯୁବ ପରିଷଦ ସଂଗଠନ ପକ୍ଷରୁ ମୋ ଗାଁ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଡିପଡା ପଞ୍ଚାୟତ ର ପ୍ରତିଭା ମାନଙ୍କୁ ଲୋକ ଲୋଚନକୁ ଆଣିବା ଏବଂ ପ୍ରତିଭା ର ବିକାଶ କରିବା ଭଳି କଳା, ସଂସ୍କୃତିକୁ ଉଜ୍ଜୀବିତ ରଖିବା ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କବି,ପରିବେଶବିତ୍, ବରିଷ୍ଠ ସାମ୍ବାଦିକ ଲୋହିତ ନାରାୟଣ ମହାପାତ୍ର

ଆମ ଗାଁ ପ୍ରତିଭା କାର୍ଯ୍ୟକ୍ରମ ର ସଭାକୁ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୁପେ ଖୋର୍ଦ୍ଧା ଝଉଚଙ୍ଗ ପଙ୍କଜ କୁମାର ମାଝି ସମ୍ମାନିତ ଅତିଥି ରୁପେ ସହ ଇନ୍ସପେକ୍ଟ ଖୋର୍ଦ୍ଧା ଅରବିନ୍ଦ ନାୟକ , ପୁର୍ବତନ ଷଷ୍ଠ ଓଜଇ ର କମାଣ୍ଡେଣ୍ଟ ନାରାୟଣ ଡୋରା, ଆମ ଗାଁ ପ୍ରତିଭା କାର୍ଯ୍ୟକ୍ରମ ର ସଭାପତି ସତିଶ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳ ର ପ୍ରତିଭା ମାନଙ୍କର ବିକାଶ ଉପରେ ଆଲୋକପାତ କରିଛନ୍ତି।

ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ମା ବଘେଇ ଯୁବ ପରିଷଦ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯିଇଛି। ପ୍ରସନ ଖଣ୍ଡୟତରାୟ ଧନ୍ୟବାଦ ଅର୍ପଣ କରିଛନ୍ତି। ଶେଷରେ କୁନି କୁନି କଳାକାର ଙ୍କ ଗୀତ, ନୃତ୍ୟ ପରିବେଷଣ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକ ମାନଙ୍କ ମନ ମୋହିଛି। ଗ୍ରାମାଞ୍ଚଳ ରେ ପ୍ରତିଭା ର ବିକାଶ ଏବଂ ସେମାନଙ୍କୁ ସମ୍ମାନିତ କରିବା ଦିଗରେ ଆୟୋଜକ ଙ୍କୁ ସମସ୍ତେ ପ୍ରଶଂସା କରିଛନ୍ତି।

# ପ୍ରାଥମିକ ଶିକ୍ଷକ ପଦୋନ୍ନତିରେ ଓଟିଇଟି ପରୀକ୍ଷାକୁ ଯୋଗ୍ୟତା ଆଧାରରୁ ବାଦ ଦେବାକୁ ଦାବି



ନବରଙ୍ଗପୁର : ପଦୋନ୍ନତି ପାଇଁ ପାଟି ରେ କଳା ପଟି ବାନ୍ଧି ପ୍ରତିବାଦ । ପ୍ରାଥମିକ ଶିକ୍ଷକ ପଦୋନ୍ନତି ରେ ଓଟିଇଟି ପରୀକ୍ଷା କୁ ଯୋଗ୍ୟତା ଆଧାର ରୁ ବାଦ ଦେବା ଦାବି ସହ ବରିଷ୍ଠତା ଭିତ୍ତି ରେ ପଦୋନ୍ନତି ପ୍ରଦାନ ଦାବି ନେଇ ପାଟି ରେ କଳା କନା ବାନ୍ଧି ପ୍ରତିବାଦ ଜଣାଇଛି ପ୍ରାଥମିକ ଶିକ୍ଷକ ସଂଘ । ୩୦ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷକ ଭାବେ ସେବା ଯୋଗାଇଦେବା ପରେ ପୁଣି ଥରେ ଶିକ୍ଷକ ପାଇଁ ଯୋଗ୍ୟ ବିବେଚିତ ହେବା ପାଇଁ ଯୋଗ୍ୟତା ପରୀକ୍ଷା ବା ଓଟିଇଟି ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବା ଏହା ଜଣେ ବରିଷ୍ଠ ଶିକ୍ଷକଙ୍କ ପାଇଁ ଅପମାନ ହୋଇଥିବା ବେଳେ ପୁଣି ସେହି ଓଟିଇଟି ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବା ପରେ ତାହାକୁ ଯୋଗ୍ୟତା ଆଧାର କରି ପଦୋନ୍ନତି ଦେବା ଏହା ୩୦ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷକ ଭାବେ ଉତ୍ସର୍ଗିକୃତ ସେବା ଯୋଗାଇ ଦେଇଥିବା ଶିକ୍ଷକ ଙ୍କ ମାନସିକ ଅବସ୍ଥା କୁ ଦୋହଲାଇ ଦେଇଥିବା ଅଭିଯୋଗ କରିଛି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ । ଏହା ଏକ କଳା ଆଇନ ବୋଲି ଅଭିଯୋଗ କରି ଏହାକୁ ଉଠାଇ ଅଭିଜ୍ଞତା ଭିତ୍ତିରେ ପଦୋନ୍ନତି ଦେବା ଦାବି ନେଇ ପ୍ରତିବାଦ ରେ ପାଟି ରେ କଳା କପଡା ବାନ୍ଧି ସ୍ଥାନୀୟ ମାଉସୀ ମା ମନ୍ଦିର ଠାରୁ ରାଲ୍ଲୀ ରେ ବାହାରି ଜିଲ୍ଲା ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ ଙ୍କୁ ଦାବି ଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଯଦି ଏହି ନିୟମ କୁ ଉଚ୍ଛେଦ କରାନଯାଏ ତେବେ ଆଗାମୀ ଦିନ ରେ ସାରା ରାଜ୍ୟ ରେ ରାଜରାସ୍ତା କୁ ଓଲ୍ହାଇ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛି ଶିକ୍ଷକ ସଂଘ । ଅପରପକ୍ଷରେ ସରକାର ଙ୍କ ନିୟମ ଅନୁସାରେ କ୍ୟାଡ଼ର ପ୍ରସ୍ତୁତ କରି ପଦୋନ୍ନତି ଦିଆଯାଇଥିବା ବେଳେ ଶିକ୍ଷକ ସଂଘ ର ଦାବି ପତ୍ର କୁ ସରକାର ଙ୍କ ନିକଟକୁ ପ୍ରେରଣ କରିବା ପରେ ସରକାର ଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଅନୁସାରେ କାମ କରାଯିବ ବୋଲି କହିଛନ୍ତି ଅତିରକ୍ତ ଜିଲ୍ଲା ଶିକ୍ଷାଧିକାରି ପ୍ରକାଶ ଚନ୍ଦ୍ର ମହାଲିକ ।

# ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜାରେ ଜନସାଧାରଣଙ୍କୁ ସେବା ପ୍ରଦାନ କଲେ ମିଳିତ ଟ୍ରେଲର ସଂଘ

ପାରାଦୀପ - ପାରାଦ୍ୱୀପ ପ୍ରସିଦ୍ଧ ତଥା ସ୍ୱତନ୍ତ୍ରତା ବଜାଇ ରଖିଥିବା ଗଣପର୍ବଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମା ପୂଜା କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ଆଖି ଝଲସିଲା ଭଳି ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗ ଆଲୋକ ମାଳା ଶ୍ରଦ୍ଧାଳୁମାନଙ୍କୁ ବେସ ଆକୃଷ୍ଟ କରୁଛି । ରାଜ୍ୟ ତଥା ରାଜ୍ୟ ବାହାରୁ ନିଖୁଣ କାରିଗର ମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ପୂଜା ମଣ୍ଡପ ଏକ ରକମ ପ୍ରତିଯୋଗିତା ରେ ନିର୍ମାଣ କରାଯାଇଛି । ପ୍ରଥମ ଦିନ ଭିଡ଼ ନ ଥିଲାବେଳେ ପାଗ ଅନୁକୂଳ ଥିବାରୁ ଦ୍ୱିତୀୟ ଦିନରୁ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଛି । ଭିଡ଼ ସାଙ୍ଗକୁ ଗୁଳୁଗୁଳି ଶ୍ରଦ୍ଧାଳୁ ମାନଙ୍କୁ କଲବଲ ହେବାକୁ ପଡିଥିଲା । ଯାହାକୁ ଦୃଷ୍ଟିରେ ରଖି ଗତବର୍ଷ ଭଳି ଚଳିତବର୍ଷ ଟ୍ରେଲର ସଂଘର ମିଳିତ ସମନ୍ୱୟ କମିଟି ନିଃଶୁଳ୍କ ଥଣ୍ଡା ପାଣିସହ ମୃଦୁ ପାନୀୟ ବିତରଣ କରି ଶ୍ରଦ୍ଧାଳୁମାନଙ୍କୁ ସେବା ପ୍ରଦାନ କରିଛନ୍ତି ।ଏହି ନିଃଶୁଳ୍କ ସେବା ଅନୁଷ୍ଠାନ କୁ ପାରାଦୀପ ର ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା,ପୌର ପରିଷଦର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା,ପାରାଦୀପ ବନ୍ଦର ଇଷ୍ଟେଟ ବିଭାଗ ର ଅଫିସର ବିଶ୍ୱଜିତ ମିଶ୍ରଙ୍କ ସମେତ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବ ?ଶ୍ୱର ବଳିୟାର ସିଂ, ବିଜେପି ନଗର ସଭାପତି ତଥା ପରିଷଦ ସୁବ୍ରତ କୁମାର ପ୍ରଧାନ, ପାରିଷଦ ଅଜିତ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଭୁରିସୀ ପ୍ରଶଂସା କରିବାସହ ଅନୁଷ୍ଠାନର ଉତ୍ତରୋତ୍ତର କାମନା କରିଥିଲେ । ଉକ୍ତ ଅନୁଷ୍ଠାନ କୁ



ମିଳିତ ସମନ୍ୱୟ କମିଟି ର ଅଧ୍ୟକ୍ଷ ତଥା ଯୁବ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମ କୁ ଆହୁରି ବ୍ୟାପକ କରାଯିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଦୀର୍ଘ ୬ ଦିନ ଧରି ଚାଲୁଥିବା ଏହି ସେବା କାର୍ଯ୍ୟ ସନ୍ଧ୍ୟା ୭ଟା ରୁ ଆରମ୍ଭ ହୋଇ ରାତ୍ର ୧୧ଟା ଯାଏ ଚାଲୁ ରହିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି । କାର୍ଯ୍ୟକ୍ରମ ର ପ୍ରଥମ ଦିନରେ ପ୍ରାୟ ଛଅ ହଜାର ରୁ ସାତ ହଜାର ଶ୍ରଦ୍ଧାଳୁମାନଙ୍କୁ ସେବା ପ୍ରଦାନ କରାଯାଇଥିଲା । ଅସହ୍ୟ ଗୁଳୁଗୁଳି ଆଉ ଥକା ପଣକୁ ଏହି ପାନୀୟ ଜଳ ଶ୍ରଦ୍ଧାଳୁମାନଙ୍କ ତୃଷ୍ଣା ମେଣ୍ଟାଇ ଥିବାରୁ ଅନୁଷ୍ଠାନ କୁ ଭୁରିସୀ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ତଥା ସାମ୍ବାଦିକ କର୍ମେଶ୍ୱର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ଜେନା, ସତ୍ୟଜିତ ପ୍ରଧାନ,ନଗେନ୍ଦ୍ର ରାଉତ, ସିକନ୍ଦର ବକସ,ତୁଷାରକାନ୍ତ ଭୋଇ (ଟୁକୁନା ) , ଅରକ୍ଷିତ ମାଝି, ଆଲୋକ ରଞ୍ଜନ ଦାସ, ଶ୍ରୀକାନ୍ତ ସାମଲ,ତୃପ୍ତି ରଞ୍ଜନ ପୃଷ୍ଟି, ମନମୋହନ ନାୟକ, ଅରୁଣ ମଙ୍ଗରାଜ,ବିଷ୍ଣୁ ଚରଣ ରାଉତ,ଆଶୁତୋଷ ସ୍ୱାଇଁ, ନିରଞ୍ଜନ ବେହେରା, ଚୌଧୁରୀ ଜୟପ୍ରକାଶ ସ୍ୱାଇଁ, ପ୍ରଭଞ୍ଜନ ସେନାପତି, ରବି ନାରାୟଣ ପ୍ରଧାନ, ରବିନାରାୟଣ ଦାସ, ରାଜେନ୍ଦ୍ର ମାନ୍ନା,ଫକୀର ମୋହନ ସାହାଣୀ ଙ୍କ ସମେତ ସଂଘର ଶତାଧିକ ମାଲିକମାନେ ଉପସ୍ଥିତ ରହି ସେବା ପ୍ରଦାନ କରିବାସହ କାର୍ଯ୍ୟକ୍ରମ କୁ ସଫଳତା ର ପରିଚାଳନା କରିଥିଲେ ।

# ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନ୍‌କୁ ଖଣି କ୍ଷେତ୍ରରେ ଡିଜିଟାଲ୍ ଉପଯୋଗିତା ପାଇଁ 'ମାଇନ୍ ଇନୋଭେସନ୍ ଆୱାର୍ଡ' ସମ୍ମାନ

ଯୋଡ଼ା, ୨୦/୯ : ଟାଟା ଷ୍ଟିଲ ଓଏମକ୍ୟୁ (ଓର୍, ମାଇନ୍ସ ଏବଂ କ୍ୱାରିଜ୍) ଡିଭିଜନ୍ ? କୁ ଖଣି କ୍ଷେତ୍ରରେ ଉଲ୍ଲେଖନୀୟ ଡିଜିଟାଲ୍ ପ୍ରଯୁକ୍ତିର ଉପଯୋଗିତା ପାଇଁ 'ମାଇନ୍ ଇନୋଭେସନ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। 'ଇଣ୍ଡିଆନ୍ ମାଇନିଂ ଏବଂ ଇଞ୍ଜିନିୟରିଂ ଜର୍ଣ୍ଣାଲ୍' (ଆଇଏମ୍ ?ଇଜେ) ଦ୍ୱାରା ଶନିବାର ଦିନ ଯୋଡ଼ାସ୍ଥିତ ଟାଟା ଷ୍ଟିଲର ଭ୍ୟାଲି କ୍ଲବ୍ ?ଠାରେ ଆୟୋଜିତ ୫ମ 'ଇଣ୍ଟରନ୍ୟାସନାଲ୍ କନ୍ ?ଫରେନ୍ସ ଅନ୍ ସେଫ୍ ଆଣ୍ଡ ସଷ୍ଟେନେବୁଲ୍ ମାଇନିଂ ଟେକ୍ନୋଲୋଜିଜ୍ ଏବଂ ମାଇନିଂ ଏକ୍ସପୋ ୨୦୨୬' ଆୟୋଜନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।



ଏହି ସମ୍ମାନ ଖଣି ପରିଚାଳନାରେ କାର୍ଯ୍ୟଦକ୍ଷତା, ସୁରକ୍ଷା, ନିପୁଣତା ଏବଂ ଦୀର୍ଘସ୍ଥାୟୀ କରିବା ପାଇଁ ଅତ୍ୟାଧୁନିକ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାର ବିନିଯୋଗ ନେଇ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବିଭିନ୍ନ ଉଦ୍ଭାବନମୂଳକ ଡିଜିଟାଲ୍ ପ୍ରକଳ୍ପ ଜରିଆରେ ଟାଟା ଷ୍ଟିଲ୍, ଓଏମକ୍ୟୁ ଡିଭିଜନ୍ ଖଣି କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ସହ ନିଜର ସମସ୍ତ ଖନନ ପ୍ରକ୍ରିୟାରେ ଉଲ୍ଲେଖମୂଳକ ପରିବର୍ତ୍ତନ ଆଣିପାରିଛି।ଟାଟା ଷ୍ଟିଲ୍ ଓଏମକ୍ୟୁ ଡିଭିଜନ୍ ?ର ଜେନେରାଲ୍ ମ୍ୟାନେଜର୍ ଦେବାଶିଷ ଜେନା ଏବଂ ଟାଟା ଷ୍ଟିଲ୍ ଯୋଡ଼ାର ଚିଫ୍ ଜି.ଭି. ସତ୍ୟନାରାୟଣ କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଦୁଇ ଦିନିଆ ସମ୍ମିଳନୀ ଓ ମାଇନିଂ ଏକ୍ସପୋରେ ଶିଳ୍ପପତି, ଖଣି ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଶିକ୍ଷାବିତ୍ ?ମାନେ ଏକତ୍ରିତ ହୋଇ ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ଖନନ ପଦ୍ଧତିର ବିକାଶ ଏବଂ ଆଗାମୀ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଖଣି କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହ ବିଭିନ୍ନ ଡିଜିଟାଲ୍ ପଦକ୍ଷେପଗୁଡ଼ିକୁ ଆପଣେଇବା, ସୁରକ୍ଷିତ ଓ ଦୀର୍ଘସ୍ଥାୟୀ ଖନନ ପ୍ରକ୍ରିୟାରେ ନବସୃଜନାତ୍ମକ ବିକାଶକୁ ବଜାୟ ରଖିବା ଦିଗରେ ପ୍ରୋତ୍ସାହିତ କରାଯାଇଥିଲା।

# ଭୋପାଳରେ ବେଶ ଧୂମଧାମରେ ପାଳନ ହୋଇଯାଇଛି ନୂଆଁଖାଇ ଭେଟଘାଟ

କୁଚିଣ୍ଡା,୨୦/୦୯(ନି.ପ୍ର):ସମ୍ବଲପୁରୀ ପରିବାର ଭୋପାଲ ପକ୍ଷରୁ ୧୪ ତମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁଦୁର ଭୋପାଲରେ ରହୁଥିବା ପ୍ରାୟ ୫୦୦ ପ୍ରବାସୀ ପଶ୍ଚିମ ଓଡିଶା ବାସୀ ବେଶ ଧୁମଧାମରେ ଗଣପର୍ବ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ବେଶ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାରୁ ପ୍ରାୟ ୪୦ରୁ ଅଧିକ କଳାକାର ଯୋଗଦାନ କରି ନିଜର କଳା ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ପୂଜକ ସୋମନାଥ ସାହୁ ଅତିଥି ଭାବେ ଯୋଗଦେଇ ବାର୍ଷିକ ସାଂସ୍କୃତିକ ପତ୍ରିକା 'କହଁର' ର ସପ୍ତମ ସଂସ୍କରଣ ଉନ୍ମୋଚିତ କରିଥିଲେ । ବରଗଡ ନଅଗାଁରୁ ଆସିଥିବା ହାସ୍ୟ କବି କୁମୁଦ ବାରିକଙ୍କୁ ସମ୍ମାନିତ କରାଯାଇଛି। ଚଳିତବର୍ଷ ପଶ୍ଚିମ ଓଡିଶାର ସୁନାମଧନ୍ୟ ଡଣ୍ଡଗୁରୁ ବିପିନ ଜାଲ୍ଙ୍କୁ ସମ୍ବଲପୁରୀ ସମ୍ମାନରେ ସମ୍ମାନିତ କରାଯାଇଛି। ବରଗଡ ଜିଲ୍ଲାରୁ ଅସିଥିବା କିଶୋର ମିଶ୍ରଙ୍କ ପାରମ୍ପରିକ ଖାଦ୍ୟ ପରିବେଷଣ କରିଥିଲେ। ଏଥିରେ ଲେଥା, କାକାରା,ରସବରା, ମାଲପୁଆ କର୍ଡି ରେ ପ୍ରସ୍ତୁତ ବିଭିନ୍ନ




ବିଭୁତି ଭୋଇ ଦ୍ୱାରା ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ରିତିନିତି ଅନୁସାରେ ପୂଜାର୍ଚ୍ଚନା କରାଯାଉଥିଲା। ଭୋପାଳ ସାଂସ୍କୃତ ବିଦ୍ୟାଳୟର ଛାତ୍ରଛାତ୍ରୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭଜନରୁ ସଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବରଗଡରୁ ଆସିଥିବା କାଳାଯିବି ସାଂସ୍କୃତିକ ଦଳ ଗୀତର ତାଳେ ତାଳେ ନାଚିଉଠିଥିଲେ ଭୋପାଲରେ ରହୁଥିବା ପୁରା ପ୍ରବାସୀ ପଶ୍ଚିମ ଓଡିଶା ବାସୀ। ଏହା ସହିତ ଝାରସୁଗୁଡାରୁ ଆସିଥିବା ରାଇଁଝାଇଁ ଅନୁଷ୍ଠାନର କଳାକାରଙ୍କ ସୁନ୍ଦର ନୃତ୍ୟ ସମସ୍ତଙ୍କର ମନ ମୋହିଥିଲା । ପଶ୍ଚିମ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଆକାଶ ପଟ୍ଟନାୟକ, ପଦ୍ମଶ୍ରୀ ଖଟେଇ, ଟୁକୁନା ମିଶ୍ରଙ୍କ ଗୀତର ତାଳେ ତାଳେ ସମସ୍ତେ ନାଚି ଉଠିଥିଲେ ପ୍ରବାସୀ ପଶ୍ଚିମ ଓଡିଶା ବାସୀ।

ବିଶିଷ୍ଟ ମାନ୍ୟଗନ୍ୟ ବ୍ୟକ୍ତି ଡାକ୍ତର ଡିକେ ସତପଥି, ଜି ଏନ ସାହୁ, ଡାକ୍ତର ପ୍ରତିକ ବେହେରା, ଅରୁଣ କୁମାର ହୋତା, ଆରକେ ବାରିକ,ଡାକ୍ତର ପ୍ରତିକ ବେହେରା, ଡାକ୍ତର ଖାଦ୍ୟର ବେଶ ଆନନ୍ଦ ନେଇଥିଲେ ପ୍ରବାସୀ ପଶ୍ଚିମ ଓଡିଶା ବାସୀ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମାଁ ସମଲେଶ୍ୱରୀଙ୍କ ପ୍ରତିମୂର୍ତ୍ତି ବେଶ ମନୋଲୋଭା ହୋଇଥିବା ବେଳେ ଡାଲଖାଇ, ରସରକେଲି, ମାଏଲା ଜଡ, ଭାଇ ଯୁଉନ୍ତିଆ ସହିତ ରଙ୍ଗବତୀ ଗୀତ ଗୁଡିକ ଦର୍ଶନ ମାନଙ୍କୁ ଦିନତମାମ ବାନ୍ଧି ରଖିଥିଲା।

ଏହି କାର୍ଯ୍ୟକ୍ରମକୁ ପ୍ରଦିପ ମାଝୀ ପରିଚାଳନା କରିଥିବା ବେଳେ ସଭାପତି ଭାବଗ୍ରାହୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସରତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସାଧାରଣ ସମ୍ପାଦକ ସଂଜୀବ ନନ୍ଦ, ଭବାନୀ ଖମାରୀ, ଦିଲିପ ମିଶ୍ର, ବିଶ୍ୱଜିତ ମାଝୀ,ଖିରୋଦ ସା , ଡିଲେଶ୍ୱର ବିଶ୍ୱାଳ , ମହେଶ୍ୱର କିଶାନ, ସମେତ ସମ୍ବଲପୁରୀ ପରିବାର ସମସ୍ତ ମିଶି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଇନ୍ଦ୍ରାବତୀ ଜଳଭଣ୍ଡାରର ଗୋଟିଏ ଗେଟ୍ ଖୋଲିଲା

ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକର ଖାତିଗୁଡ଼ାରେ ଥିବା ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର ଇନ୍ଦ୍ରାବତୀ ଜଳଭଣ୍ଡାରର ଗୋଟିଏ ଗେଟ୍ ଆଜି ଅପରାହ୍ନ ୩ଟା ୩୦ ମିନିଟ ସମୟ ରେ ଖୋଲାଯାଇଛି। ଗେଟ ଖୋଲା ହେବା ଦ୍ୱାରା ପ୍ରାୟ ୦.୫ ଏମ୍ ?ସିଏମ୍ (୫ ଲକ୍ଷ ଘନମିଟର) ଜଳ ନିଷ୍କାସିତ ହେବ। ତଳମୁଣ୍ଡ ଅଞ୍ଚଳର ଲୋକମାନେ ନଦୀକୁ କୌଣସି ପ୍ରକାରେ ବ୍ୟବହାର ନ କରିବାକୁ ସତର୍କ ସୂଚନା ଜାରି କରାଯାଇଛି।ଆଜି ଖାତିଗୁଡ଼ାସ୍ଥିତ କାର୍ଯ୍ୟାଳୟରେ ମୁଖ୍ୟ ଯନ୍ତ୍ରୀଙ୍କ ସହ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କର ଆଲୋଚନା ହୋଇଥିଲା। ଏହି ଆଲୋଚନା ପରେ ଗେଟ୍ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଜଳଭଣ୍ଡାରର ମୋଟ ୧୨ଟି ଗେଟ୍ ମଧ୍ୟରୁ ଆଜି କେବଳ ଗୋଟିଏ ଗେଟ୍ ଖୋଲାଯାଇଛି। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ ସ୍ତର ୬୪୨ ମିଟର। ଆଜି ସକାଳ ୮ଟା ସୁଦ୍ଧା ଜଳସ୍ତର ୬୪୦.୩ ମିଟରରେ ପହଞ୍ଚିଛି, ଅର୍ଥାତ୍ ସର୍ବୋଚ୍ଚ ସ୍ତରଠାରୁ ମାତ୍ର ୧.୭ ମିଟର କମ୍ ରହିଥିଲା। ଆସନ୍ତା ୨୨ ତାରିଖରୁ ଲଘୁଚାପ ଜନିତ ପ୍ରବଳ ବର୍ଷା ହେବାର ସମ୍ଭାବନା ନେଓ ଭାରତୀୟ ପାଣିପାଗ ବି ହଗୁରି ପକ୍ଷରୁ ସୂଚନା ରହିଛି. ଫଳରେ ଜଳଭଣ୍ଡାରର ଜଳସ୍ତର ଆହୁରି ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ଆଗୁଆ ଜଳ ନିଷ୍କାସନ କରି ଜଳସ୍ତର ନିୟନ୍ତ୍ରଣରେ ରଖିବା ପାଇଁ ଏହି ପଦକ୍ଷେପ ନିଆଯାଉଛି।

# ନିଶାମୁକ୍ତ ଭାରତ ଓ ରାଷ୍ଟ୍ରୀୟ ସଂକଳ୍ପ ସମାରୋହ



ଅନୁଗୋଳ,୨୦.୦୯: ଆଜି ପୂର୍ବାହ୍ନରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ, 'ମୋ ଯୁବ ଭାରତ' ଏବଂ ଜାତୀୟ ସେବା ଯୋଜନା (ଘଝଝ)ର ମିଳିତ ଆନୁକୂଲ୍ୟରେ 'ବିକଶିତ ଭାରତ ନିମନ୍ତେ ନିଶାମୁକ୍ତ ଭାରତ ଓ ରାଷ୍ଟ୍ରୀୟ ସଂକଳ୍ପ ସମାରୋହ' ସହ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିକଶିତ ଭାରତ ଗଠନରେ ନିଶାମୁକ୍ତ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲ କଲେଜରେ କିପରି ଯୁବପୀଢିଙ୍କୁ ସଚେତନ କରାଯିବ ସେ ବିଷୟରେ ମଧ୍ୟ କହିଥିଲେ। ଏହି ଅବସରରେ ଘଝଝ ଓ ଘଉଉ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନଶାମୁକ୍ତି ସଚେତନତା ନାଟକ ଓ 'ସଂକଳ୍ପ ଚକ୍ର'ର ସାଙ୍କ ?ତିକ ପ୍ରଦର୍ଶନୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦୀପ ଗଡ଼ନାୟକ, ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ଶ୍ରୀବବଲୁ ମୁଣ୍ଡା, ଜିଲ୍ଲା ଯୁବ ଅଧିକାରୀ ପୂଜା ଯାଦବ, ସମାଜସେବୀ ଶ୍ରୀ ସୁବ୍ରତ ପ୍ରଧାନ,ଶ୍ରୀ ଭୀଷ୍ମ ସାହୁ ଓ ଶ୍ରୀ ହେମଦ୍ୟୁତି ବେହେରା ପ୍ରମୁଖ ଯୋଗ ଦେଇଥିଲେ।ମହାବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ଅଧିକାରୀ ଶ୍ରୀ ପବିତ୍ର କୁମାର ବେହେରା ଓ ଗ୍ରନ୍ଥଗାରିକ ଶ୍ରୀ ବିଶ୍ୱଜିତ ନାୟକଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଘଝଝ ଅଧିକାରୀ ଡ. ଗୌରୀ ଶଙ୍କର ଯୁଗ ପ୍ରକାଶ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ 'ମୋ ଯୁବ ଭାରତ'ର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**● Editor : Sarat Raut**

ସଂପାଦକ: ଶରତ ରାଉତ